READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୩ ସଂଖ୍ୟା-୧୦ ୧୮ - ୨୪ ମାର୍ଚ୍ଚ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-10 18th - 24th MARCH, 2019 BHUBANESWAR ₹ 5/- (8 Pages)


## ସବୁ ଦଳରେ ସଙ୍କଟ; ନିର୍ଣ୍ଣୟ କରିବେ ଭୋଟର



**ଭୁବନେଶ୍ୱର :** ୨୦୧୯ ସାଧାରଣ ନିର୍ବାଚନର ବିଗୁଲ୍ ବାଜିବା ପରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳରେ ଚାଲିଛି ମିଶ୍ରଣ ପର୍ବ। ବିଶେଷକରି ବିଜେପି ଛାଡି ବିଜେଡି ଓ ବିଜେଡି ଛାଡି ବିଜେପିରେ ଯୋଗ ଦେଉଥିବା ନେତମାନେ ଚର୍ଚ୍ଚାରେ ଅଛନ୍ତି। ଏଥିରେ କିଛି ବହିଷ୍କୃତ ନେତା ଥିଲା ବେଳେ ଆଉ କିଛି ସାଂସଦ ଓ ବିଧାୟକ ବି ରହିଛନ୍ତି। ଶାସକ ବିଜେଡି ଚଳିତ ନିର୍ବାଚନରେ ମହିଳା ପ୍ରାର୍ଥୀଙ୍କ ପାଇଁ ୩୩% ସଂରକ୍ଷଣର ଘୋଷଣା କରି ସବୁ ଦଳକୁ ଏକ ପ୍ରକାର ଅଡୁଆରେ ପକାଇଛି। ଲୋକସଭା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଘୋଷଣା ବିଜେପି ଓ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଯେଉଁଥିପାଇଁ ରାଜ୍ୟର ମହିଳା ପ୍ରାର୍ଥୀମାନେ ବିଜେଡିକୁ ଅଧିକ ଭରସା କରୁଥିଲା ବେଳେ କଂଗ୍ରେସ ଓ ବିଜେପି ପଛରେ ପଡିବେ ନାହିଁ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ରାଜନୈତିକ ସମୀକ୍ଷକମାନଙ୍କ ମତରେ ମୁଖ୍ୟମନ୍ତ୍ରୀ କେବଳ ଲୋକସଭା ପାଇଁ ଏହି ଘୋଷଣା କରିଥିଲା ବେଳେ ବିଧନସଭା କ୍ଷେତ୍ର ପାଇଁ ସଂରକ୍ଷଣକୁ ଗୁରୁତ୍ୱ ଦେବା ଉଚିତ୍। ଆସନ ଘୋଷଣା ପୂର୍ବରୁ ମହିଳାଙ୍କ ପାଇଁ ସଂରକ୍ଷଣ କଥାଟିକୁ ଗୁରୁତ୍ୱପୂର୍ଣ୍ଣ ଭାବେ ନିଆଗଲେ ଏହା ସବୁ ଦଳକୁ ସଙ୍କଟରେ ପକାଇପାରେ। କାରଣ ଗତ ୫ବର୍ଷ ଧରି ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଯେଉଁ ଦଳୀୟ ନେତାମାନେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଭୋଟରଙ୍କ ନିକଟତର ହୋଇଛନ୍ତି ବା ସେମାନଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି ସେମାନେ ଯେବେ ସଂରକ୍ଷଣ ବାହାନାରେ ଟିକଟ ପାଇବାରୁ ବଞ୍ଚିତ ହୁଅନ୍ତି ତେବେ କଥା ଅଡୁଆ ଧରିବ ନିଶ୍ଚିତ। ରାଜନୈତିକ ଦଳମାନେ ନବୀନଙ୍କ ଫର୍ମୁଲା ଆପଣାଇବାକୁ ବସିଲେ ନିଜ ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନିଶ୍ଚୟ ନିରାଶ କରିବେ। ଏହାର ନକାରାତ୍ମକ ଫଳାଫଳ ଦେଖିବାକୁ ମିଳିବ ମଧ୍ୟ ନିର୍ବାଚନରେ। ବିଜେପିରେ ବୈଜୟନ୍ତ ପଣ୍ଡା ଓ ଡା. ଦାମୋଦର ରାଉତଙ୍କ ଯୋଗଦାନ ପରେ ଦଳ ଭିତରେ ଯେଭଳି ଉତ୍ସାହ ବୃଦ୍ଧି ପାଇଛି ସେଭଳି ଉତ୍ସାହ ମଧ୍ୟ ଦେଖିବାକୁ ମିଳିଛି ବିଜେଡିରେ। ଗତ ନିର୍ବାଚନରେ ବିଜେପି ଟିକଟରେ ନିର୍ବାଚନ ଲଢ଼ିଥିବା ଏବଂ ସ୍ୱଳ୍ପ ଭୋଟ ବ୍ୟବଧାନରେ ନିର୍ବାଚନ ହାରିଥିବା କିଛି ଭଲ ପ୍ରାର୍ଥୀ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ନୂଆ ମିଶ୍ରଣ ପର୍ବକୁ ନେଇ ରାଜ୍ୟ ବିଜେପି ବେଶୀ ଖୁସି ଥିଲା ବେଳେ କଂଗ୍ରେସରେ ସେଭଳି କିଛି ବଡ ଘଟଣା ଘଟୁନାହିଁ।

➤ ପୃ-୬

## ରାହୁଲଙ୍କ ପ୍ରତିଶ୍ରୁତି, ଚାକିରି ଓ କୃଷିଋଣ ଛାଡ଼



**ବରଗଡ଼ :** କଂଗ୍ରେସ ଦେଶକୁ ଯୋଡିବାର ଚେଷ୍ଟା କରୁଛି। ପ୍ରତି ଗ୍ରାମକୁ ସହର ସହିତ, ସହରକୁ ରାଜ୍ୟ ରାଜଧାନୀ ଏବଂ ଦେଶର ରାଜଧାନୀ ସହିତ ଯୋଡିବାର ପ୍ରଚେଷ୍ଟା ଜାରି ରଖିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟି ସରକାର ଦେଶକୁ ଜାତି, ଧର୍ମ ନାମରେ ବିଭାଜନ କରିବାର ଅପଚେଷ୍ଟା କରୁଛନ୍ତି ବୋଲି ଏଆଇସିସି ସଭାପତି ରାହୁଲ ଗାନ୍ଧୀ କହିଛନ୍ତି।ବରଗଡଠାରେ ଶୁକ୍ରବାର ଅପରାହ୍ଣରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେଇ ରାହୁଲ ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭିନ୍ନ ପ୍ରସଙ୍ଗରେ ତୀବ୍ର ସମାଲୋଚନା କରିଥିଲେ। ସେ କହିଲେ, ଏକଦା ବରଗଡକୁ ଓଡ଼ିଶାର ଭାତହାଣ୍ଡି ବୋଲି କୁହାଯାଉଥିଲା। ଏବେ କିନ୍ତୁ ଏଠି ଚାଷୀ ଆତ୍ମହତ୍ୟା କରୁଛି। ଏମିତି ଗୋଟିଏ ଦିନ ନାହିଁ, ଯେଉଁଦିନ ଓଡ଼ିଶା କିମ୍ବା ଭାରତର କୌଣସି ସ୍ଥାନରେ ଚାଷୀ ଆତ୍ମହତ୍ୟା କରୁନାହାନ୍ତି। ନବୀନ ପଟନାୟକ କ୍ଷମତାକୁ ଆସିବାପୂର୍ବରୁ ଓଡ଼ିଶାରେ ଶୀତଳଭଣ୍ଡାର ସ୍ଥାପନ, ସମସ୍ତଙ୍କୁ ପିଇବା ପାଣି ଯୋଗାଣ ଆଦି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାହା ପୂରଣ କରାଗଲା ନାହିଁ। ନବୀନ ପଟନାୟକ ପ୍ରତିବର୍ଷ ଓଡ଼ିଶାରେ ୨ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଓଡ଼ିଶା ବେରୋଜଗାରୀର କେନ୍ଦ୍ରସ୍ଥଳ ପାଲଟିଛି।

➤ ପୃ-୬

## ୩୧ ସୁଦ୍ଧା ସବୁ ଜିଲ୍ଲାରେ ପହଞ୍ଚିବ ପାଠ୍ୟପୁସ୍ତକ

**ଭୁବନେଶ୍ୱର :** ଚଳିତ ମାସ ୩୧ ତାରିଖ ସୁଦ୍ଧା ସବୁ ଜିଲ୍ଲାକୁ ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦେବେ ବୋଲି ରାଜ୍ୟ ସରକାରଙ୍କ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ସମସ୍ତ ସରକାରୀ ସ୍କୁଲ ଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟା ଯାଉଥିବା ବେଳେ ଚଳିତବର୍ଷ ଠାରୁ ସରକାରୀ ଅନୁମୋଦିତ ଓଡ଼ିଆ ମାଧ୍ୟମ ଘରୋଇ ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୫୦ ପ୍ରତିଶତ ରିହାତିରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଫଳରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁମନ୍ଦିର ଭଳି ଘରୋଇ ସ୍କୁଲଗୁଡ଼ିକରେ ସରକାରୀ ସ୍କୁଲରେ ପ୍ରଚଳନ ଯେଉଁ ପୁସ୍ତକ ମାଗଣାରେ ମିଳୁଛି ସେହି ପୁସ୍ତକ ଅଧା ମୂଲ୍ୟରେ ସରକାର ଯୋଗାଇଦେବେ। ପୂର୍ବରୁ ଏହି ସବୁ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନେ ସରକାରଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ପାଇବାକୁ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ପିଲାଙ୍କୁ ସହଜରେ ଆବଶ୍ୟକ ପୁସ୍ତକ ଯୋଗାଇ ଦିଆଯିବ। ତେବେ ରାଜ୍ୟରେ ସିବିଏସ୍‌ଇ କିମ୍ବା ଆଇସିଏସ୍‌ଇ ଦ୍ୱାରା ପରିଚାଳିତ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲକୁ ବାଦ୍ ଦେଲେ ଘରୋଇ ବିଦ୍ୟାଳୟର ପିଲାଙ୍କୁ ଅଣଦେଖା କରାଯାଉଛି। କେବଳ ସରକାରୀ ସ୍କୁଲରେ ମାଗଣାରେ ପାଠ୍ୟପୁସ୍ତକ ଉପଲବ୍ଧ ହେଉଥିବା ବେଳେ ଘରୋଇ ସ୍କୁଲରେ ପିଲାମାନେ ପାଠ୍ୟପୁସ୍ତକ କ୍ରୟ କରୁଥିଲେ। ଯାହା ଏକପ୍ରକାର ପାତରଅନ୍ତର ନୀତି ବୋଲି

➤ ପୃ-୬

## ୧୦୨ କୋଟିର ବଜେଟ୍, ରଥଯାତ୍ରା ପାଇଁ ଖର୍ଚ୍ଚ ୧ କୋଟି



**ପୁରୀ :** ଶ୍ରୀମନ୍ଦିର ପରିଚାଳନା କମିଟିର ୨୦୧୯-୨୦ ପାଇଁ ବଜେଟ ଅନୁମୋଦନ ହୋଇଛି। ୧୦୦କୋଟିରୁ ଅଧିକ ଟଙ୍କାର ଏହି ବଜେଟ ଅନୁମୋଦନ ହୋଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ବିଭିନ୍ନ ସୂତ୍ରରୁ ୧୦୨କୋଟି ଟଙ୍କା ଆୟ ହେଉଥିବାବେଳେ ୭୮କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଶ୍ରୀମନ୍ଦିରର ବିଶେଷ ଆୟ ଜମିଜମା କ୍ଷେତ୍ରରୁ ଆସୁଥିବାବେଳ ଦାନ ସୂତ୍ରରୁ ଆୟ ବଢୁନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିବାରୁ ଶ୍ରୀ ମହାପାତ୍ର ଅଧିକ ସୂଚନା ଦେଇନଥିଲେ। ତେବେ ସେ କହିଥିଲେ ଯେ, ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବୈଠକ ସ୍ଥିରିକୃତ ହୋଇଥିଲା। ଜମିଜମା ସଂକ୍ରାନ୍ତରେ ୟୁନିଫର୍ମ ପଲିସି ଯୋଗୁଁ ଅଧିକ ଆୟ ହେବାର ସମ୍ଭାବନା ରହିଛି। ଗତ ୧୦ଦିନ ପୂର୍ବରୁ ଏହି ପଲିସି ରାଜ୍ୟ ସରକାର ସ୍ୱୀକୃତି ଦେଇଥିବାରୁ କମ୍ ସଂଖ୍ୟକ ଆବେଦନ ପହଞ୍ଚିଛି। ଶ୍ରୀମନ୍ଦିରର ଆୟ ଜମିଜମା ଓ କ୍ୟୁରିରୁ ଆସିଥାଏ। ଚଳିତ ବର୍ଷ ଜମିଜମା

➤ ପୃ-୬









### ବକ୍ରବାଣୀ



ଏବେ ଭୋଟ ଆଇଲା ପାଖେଇ
ନେତାଏ ବୁଲିବେ ଦାନ୍ତ ଦେଖେଇ
ବେକେ ଗେଣ୍ଡୁମାଳ ପୁଳେ ପକେଇ
ପାଖେ ବସି ହେବେ କେତେ ସକେଇ
ହାତୀ ଘୋଡା ସବୁ ଦେବେ କହିବେ
ଭୋଟ ସଇଲେ କୁଆଡେ ରହିବେ
ପୁଳେ ଧନ ଦଉଲତ ସଞ୍ଚିବେ
ନିଜ ସୁଖ ପାଇଁ ଖାଲି ବଞ୍ଚିବେ
ଭୋଟ ବେଳ ପୁଣି ଯେବେ ଆସିବେ
ଗରୀବଙ୍କ କଥା ମୁଣ୍ଡେ ପଶିବ।

——— ଟୁଟୁ

## ବିଜେଡିରେ ପ୍ରଥମେ ସୁଷମା ଏବେ ଶଶୀ

### ପଦ୍ମରୁ ପାଖୁଡା ଖସିଲା





**ବାଲେଶ୍ୱର,(କୈଳାସ ବେହେରା) :** ନିର୍ବାଚନ ଦିନ ଯେତେ ପାଖେଇ ଆସୁଛି ଭାଜପାକୁ ଗୋଟେ ପଟେ ଗୋଟେ ଝଟକା ଲାଗିଚାଲିଛି। ସେହିଭଳି ବାଲେଶ୍ୱର ଜିଲ୍ଲାରେ ପଦ୍ମରୁ ପାଖୁଡା ଖସିବାରେ ଲାଗିଛି। ବାଲେଶ୍ୱର ସିମୁଳିଆ ଖଇରା ନିନର୍ବାଚନ ମଣ୍ଡଳୀରୁ ୨୦୧୪ ନିର୍ବାଚନରେ ଭାଜପା ଟିକଟ ପାଇ ନିର୍ବାଚନ ଲଢ଼ିଥିବା ଶଶୀ କୁମାର ସାହୁ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା, ବାଲେଶ୍ୱର ଜିଲ୍ଲା ସଭାପତି ସାଂସଦ ରବିନ୍ଦ୍ର ଜେନା, ବାଲେଶ୍ୱର ସଦର, ବଡସାହି, ସୋର ନିର୍ବାଚନ ମଣ୍ଡଳୀର ବିଧାୟକ, ଜିଲ୍ଲା ବିଜେଡିର ସବୁ ଛାମୁଆ ସଂଗଠନର ନେତା, ଖଇରା ସିମୁଳିଆ ବ୍ଲକର ଦୁଇ ବିଜେଡି ସଭାପତି, ବ୍ଲକ ଅଧକ୍ଷ ଏବଂ ଜିଲ୍ଲା ପରିଷଦ ଉପାଧକ୍ଷ ଏଥିରେ

➤ ପୃ-୬




## କେମିତି କଟିବ ଏ ସପ୍ତାହ


**ମେଷ**
ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।


**ବୃଷ**
ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ।


**ମିଥୁନ**
ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।


**କର୍କଟ**
ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।


**ସିଂହ**
ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।


**କନ୍ୟା**
ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରିର ପ୍ରସ୍ତାବ ମିଳିପାରେ।


**ତୁଳା**
କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।


**ବିଛା**
ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।


**ଧନୁ**
ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।


**ମକର**
ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।


**କୁମ୍ଭ**
ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ଗୃହରେ ଶାନ୍ତି ବଜାୟ ରହିବ।


**ମୀନ**
କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।


ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ରାଫେଲ ମାମଲା

# ଶୁଣାଣି ଶେଷ; ରାୟ ସଂରକ୍ଷିତ

**ନୂଆଦିଲ୍ଲୀ :** ରାଫେଲ୍ ମାମଲାରେ ସୁପ୍ରିମକୋର୍ଟ ପୂର୍ବରୁ ଦେଇଥିବା ରାୟର ପୁନଃ ସମୀକ୍ଷା ପାଇଁ ଆଗତ ଆବେଦନରେ ସଂଲଗ୍ନ ହୋଇଥିବା ଦସ୍ତାବିଜ୍ ନେଇ କେନ୍ଦ୍ର ସରକାର ଉଠାଇଥିବା ଆପତ୍ତି ଉପରେ ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି। କୋର୍ଟ କହିଛନ୍ତି, ପ୍ରଥମେ ସଂଲଗ୍ନ ହୋଇଥିବା ଦସ୍ତାବିଜ୍‌କୁ ପରୀକ୍ଷା କରାଯାଇ ପାରିବ କି ନାହିଁ, ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଏହା ପରେ ଆବେଦନ ଉପରେ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍‌କେ କାଉଲ୍ ଓ ଜଷ୍ଟିସ୍ ଜେଏମ୍ ଯୋଶେଫ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆଗତ ରିଭ୍ୟୁ ପିଟିସନ ଉପରେ କେନ୍ଦ୍ର ସରକାର ଯେଉଁସବୁ ଆପତ୍ତି ଉଠାଇଛନ୍ତି



ଓ ଏଥିରେ ସଂଲଗ୍ନ କରାଯାଇଥିବା ଦସ୍ତାବିଜ୍ ସମ୍ପର୍କରେ ପ୍ରଥମେ ବିଚାର କରାଯିବ। ଉଲ୍ଲେଖଯୋଗ୍ୟ ଯେ, ରାଫେଲ୍ ରାୟର ପୁନଃ ସମୀକ୍ଷା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୋବନ୍ତ ସିହ୍ନା ଓ ଅରୁଣ ସୌରୀ ଏବଂ ବରିଷ୍ଠ ଆଡ୍‌ଭୋକେଟ୍ ପ୍ରଶାନ୍ତ ଭୂଷଣଙ୍କ ଆବେଦନରେ ସଂଲଗ୍ନ କରାଯାଇଥିବା ରାଫେଲ୍ ଦସ୍ତାବିଜ୍ ନେଇ ପ୍ରଶ୍ନ ଉଠାଇଛନ୍ତି କେନ୍ଦ୍ର ସରକାର। ଏହା ଚୋରି ହୋଇଛି ବୋଲି ପ୍ରଥମେ ଆଟର୍ଣ୍ଣି ଜେନେରାଲ କେକେ ବେନୁଗୋପାଲ କହିଥିଲା ବେଳେ ଏବେ କହୁଛନ୍ତି, ଏହି ଦସ୍ତାବିଜ୍ ମୂଳ ଦସ୍ତାବିଜ୍‌ର ଫଟୋକପି। ତେବେ ରାଫେଲ୍ ଦସ୍ତାବିଜ୍ ପ୍ରଘଟ ହେବା ଦେଶର ସୁରକ୍ଷା ପାଇଁ ବିପଦ ବୋଲି ସୁପ୍ରିମକୋର୍ଟଙ୍କୁ କହିଛନ୍ତି କେନ୍ଦ୍ର ସରକାର। ସରକାରଙ୍କ ବିନା ଅନୁମତିରେ ଏଭଳି ସମ୍ବେଦନଶୀଳ ଦସ୍ତାବିଜ୍‌ର ଫଟୋକପି ସଂଲଗ୍ନ କରାଯିବାର ଉଦ୍ଦେଶ୍ୟ ହେଉଛି, ସରକାରଙ୍କୁ ବଦନାମ କରିବା ଓ ଅଯଥା ବିଭ୍ରାନ୍ତି ସୃଷ୍ଟି କରିବା। ତେଣୁ ଏହି ରିଭ୍ୟୁ ପିଟିସନ୍‌କୁ ଖାରଜ କରାଯିବାକୁ ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଏହି ଅବସରରେ ପ୍ରଶାନ୍ତ ଭୂଷଣ ଆର୍‌ଟିଆଇ ଆଇନ ସମ୍ପର୍କରେ ଉଲ୍ଲେଖ କରିଥିଲା ବେଳେ ଆଟର୍ଣ୍ଣି ଜେନେରାଲ ପ୍ରମାଣ (ଏଭିଡେନ୍ସ) ଆଇନର ୧୨୩ ଧାରା ଓ ଆର୍‌ଟିଆଇ ବ୍ୟବସ୍ଥା ସମ୍ପର୍କରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଜେନେରାଲ ରାୱତ୍‌ଙ୍କୁ 'ପରମ ବିଶିଷ୍ଟ ସେବା ମେଡାଲ'



**ନୂଆଦିଲ୍ଲୀ :** ଭାରତର ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ୍‌ଙ୍କୁ ପରମ ବିଶିଷ୍ଟ ସେବା ମେଡାଲ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ମେଡାଲ ପ୍ରଦାନ କରିଛନ୍ତି। ଏହି ଅବସରରେ ସେନାର ସିପାହି ବ୍ରହ୍ମାପାଲ ସିଂହ ଏବଂ ସିଆର୍‌ପିଏଫ୍‌ର ୨ ଯବାନ ରାଜେନ୍ଦ୍ର ନୈନ ଓ ନବୀନ ବବନ୍‌ଙ୍କୁ ମରଣୋତ୍ତର କୀର୍ତ୍ତିଚକ୍ର ପ୍ରଦାନ କରାଯାଇଛି। ମେଜର ତୁଷାର ଗୌବାଙ୍କୁ ମଧ୍ୟ କୀର୍ତ୍ତିଚକ୍ରରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦ ଜାଠ୍ ରେଜିମେଣ୍ଟର ମେଜର ଗୌବା ଜମ୍ମୁ-କଶ୍ମୀରର କୁପୱାଡା ସେକ୍ଟରରେ ନିଯୁକ୍ତି ପାଇଥିଲେ। ଏଲ୍‌ଓସି ନିକଟରେ ଏକ ଏନ୍‌କାଉଣ୍ଟରରେ ସେ ୩ ଜଣ ଆତଙ୍କୀଙ୍କୁ ନିପାତ କରିଥିଲେ। ଏହି ପାକ୍ ସମର୍ଥିତ ଆତଙ୍କବାଦୀ ଭାରତରେ ଅନୁପ୍ରବେଶ କରିବା ପାଇଁ ଉଦ୍ୟମ କରୁଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ସମାରୋହରେ ସେନା, ସିଆର୍‌ପିଏଫ୍‌ର ୧୨ ଯବାନଙ୍କୁ ଶୌର୍ଯ୍ୟଚକ୍ରରେ ସମ୍ମାନିତ କରାଯାଇଛି। ୧୯୬୦ରୁ ପରମ ବିଶିଷ୍ଟ ସେବା ମେଡାଲ ପ୍ରଦାନ କରାଯାଉଛି। ଦେଶରେ ଶାନ୍ତି ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପଦକ ପ୍ରଦାନ କରାଯାଏ।

## ଭାରତରେ ୬ ଆଣବିକ କେନ୍ଦ୍ର ପ୍ରତିଷ୍ଠା କରିବ ଆମେରିକା

**ୱାଶିଂଟନ୍ :** ଆମେରିକା ଭାରତରେ ୬ଟି ଆଣବିକ ଶକ୍ତିକେନ୍ଦ୍ର ପ୍ରତିଷ୍ଠା କରିବ। ଭାରତ - ଆମେରିକା ମଧ୍ୟରେ ଏଥିନେଇ ସହମତି ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ସୁରକ୍ଷା ଓ ବେସାମରିକ ଆଣବିକ ସହଯୋଗକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ଦୁଇ ଦେଶ ସ୍ଥିର କରିଛନ୍ତି। ଆମେରିକା ଗସ୍ତରେ ଯାଇଥିବା ବୈଦେଶିକ ସଚିବ ବିଜୟ ଗୋଖ୍‌ଲେ ଏବଂ ଆମେରିକାର ବୈଦେଶିକ ଉପସଚିବ ଆଣ୍ଡ୍ରିଆ ଥମ୍ପ୍‌ସନ୍‌ଙ୍କ ମଧ୍ୟରେ ୯ମ ପର୍ଯ୍ୟାୟ ଭାରତ-ଆମେରିକା ରଣନୀତିକ ସୁରକ୍ଷା ଆଲୋଚନା ପରେ ଏକ ମିଳିତ ବିବୃତିରେ ଏହା କୁହାଯାଇଛି। ତେବେ ଭାରତର କେଉଁ ସ୍ଥାନରେ ଏହି ଆଣବିକ ଶକ୍ତିକେନ୍ଦ୍ର ପ୍ରତିଷ୍ଠା କରାଯିବ, ସେ ବିଷୟ ସ୍ପଷ୍ଟ କରାଯାଇ ନାହିଁ। ବେସାମରିକ ଅଣୁଶକ୍ତି କ୍ଷେତ୍ରରେ ସହଯୋଗ ଲାଗି ଭାରତ ଓ ଆମେରିକା ୨୦୦୮ ଅକ୍ଟୋବରରେ ଐତିହାସିକ ରାଜିନାମା କରିଥିଲେ।

## ପିଏମ୍-କିଷାନ ଯୋଜନାରେ ଚାଷୀଙ୍କୁ ମିଳିଛି ୫,୨୧୫ କୋଟି

**ନୂଆଦିଲ୍ଲୀ :** ୨୦୧୯-୨୦ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ୍‌ରେ ଘୋଷଣା କରାଯାଇଥିବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା କାର୍ଯ୍ୟକାରୀ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ମୋଟ ୫୨୧୫ କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି। କ୍ଷୁଦ୍ର ଏବଂ ନାମ ମାତ୍ର ଚାଷୀଙ୍କୁ ବାର୍ଷିକ ୬୦୦୦ ଟଙ୍କା ସହାୟତା ଯୋଗାଇ ଦେବା ଲାଗି କେନ୍ଦ୍ର ସରକାର ଘୋଷଣା କରିଥିଲା ବେଳେ ଏଥିପାଇଁ ବଜେଟରେ ୭୫,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ୨ ହେକ୍ଟରରୁ ଅଧିକ ଚାଷ କରୁଥିବା ଦେଶର ୧୨ କୋଟି କୃଷକଙ୍କୁ ୩ଟି କିସ୍ତିରେ ୬୦୦୦ ଟଙ୍କା ଲେଖାଏଁ ଯୋଗାଇ ଦେବାକୁ ସରକାର ଘୋଷଣା କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨.୬ କୋଟି କୃଷକଙ୍କ ଖାତାକୁ ୫୨୧୫ କୋଟି ଟଙ୍କା ହସ୍ତାନ୍ତର କରାଯାଇସାରିଥିବା ସରକାରୀସ୍ତରରେ କୁହାଯାଇଛି। ଏଥିପାଇଁ ସରକାର ୨୦,୦୦୦ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା କରିବା ସହ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରତ୍ୟେକ ଚାଷୀଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ବ୍ୟବସ୍ଥା କରିଥିଲେ। ତେବେ ଏହି ଯୋଜନା ଘୋଷଣା ହେବାର ୩୭ ଦିନ ମଧ୍ୟରେ ଉପରୋକ୍ତ ପରିମାଣର ଟଙ୍କା ଚାଷୀଙ୍କ ଖାତାକୁ ଯାଇଛି ବୋଲି ପ୍ରଧାନମନ୍ତ୍ରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଏବଂ ଗୁଜୁରାଟ ଆଦି ରାଜ୍ୟର ସର୍ବାଧିକ କୃଷକ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଚଳିତ ମାର୍ଚ୍ଚ ୭ ତାରିଖ ସୁଦ୍ଧା ଉତ୍ତରପ୍ରଦେଶ ରାଜ୍ୟର ୭୪.୭୧ ଲକ୍ଷ ଏବଂ ଆନ୍ଧ୍ରପ୍ରଦେଶର ୩୨.୧୫ ଲକ୍ଷ କୃଷକଙ୍କୁ ଏହି ଯୋଜନାରେ ଅର୍ଥ ପ୍ରଦାନ କରାଯାଇଥିବା କୁହାଯାଇଛି।

## ଅଧିକ ପ୍ରଦୂଷଣ ବଢ଼ାଉଛି ଯାନବାହନ



**ନୂଆଦିଲ୍ଲୀ :** ଲୋକେ କାହିଁକି ବାଣ କାରଖାନା ପଛରେ ପଡ଼ିଛନ୍ତି? ବାଣ ଯୋଗୁଁ ଯେତେ ମାତ୍ରାରେ ପ୍ରଦୂଷଣ ସୃଷ୍ଟି ନ ହେଉଛି, ତାହା ତୁଳନାରେ ଯାନବାହନ ଯୋଗୁଁ ଅଧିକ ପ୍ରଦୂଷଣ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ୍ ଏସ୍‌ଏ ବୋବ୍‌ଡେ ଓ ଜଷ୍ଟିସ୍ ଏସ୍‌ଏ ନଜିର୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ବାଣ ବନ୍ଦ କରାଗଲେ ଏହାର ତିଆରି ଓ ବିକ୍ରିରେ ନିୟୋଜିତ ଲୋକମାନେ କର୍ମ ସଂସ୍ଥାନ ହରାଇବା ଉଦ୍‌ବେଗର ବିଷୟ। ଆମେ ନୂଆ ବେକାରୀ ସମସ୍ୟା ସୃଷ୍ଟି କରିବାକୁ ଚାହୁଁ ନାହୁଁ। ବାଣ ଯୋଗୁଁ କେତେ ପ୍ରଦୂଷଣ ହେଉଛି ଏବଂ ଯାନବାହନ ଦ୍ୱାରା ପ୍ରଦୂଷଣର ମାତ୍ରା କେତେ, ଏହାର କେବେ ତୁଳନାତ୍ମକ ତଥ୍ୟ ପ୍ରସ୍ତୁତ ହୋଇଛି କି? ଯେଭଳି ଲାଗୁଛି, ବାଣ ପଛରେ ସମସ୍ତେ ପଡ଼ିଛନ୍ତି। କିନ୍ତୁ ଯାନବାହନ ସବୁଠାରୁ ଅଧିକ ପ୍ରଦୂଷଣର କାରଣ ହୋଇଛି ବୋଲି ଖଣ୍ଡପୀଠ ଅତିରିକ୍ତ ସଲିସିଟର୍ ଜେନେରାଲ୍ ଏଏନ୍‌ଏସ୍ ନାଦକର୍ଣ୍ଣିଙ୍କୁ କହିଥିଲେ। ଖଣ୍ଡପୀଠ ଆହୁରି କହିଲେ, ବାଣ କାରବାରରେ ଯେଉଁମାନେ ନିୟୋଜିତ ଅଛନ୍ତି, ସେମାନଙ୍କୁ ଆମେ ଟଙ୍କା ଦେଇ ପାରିବା ନାହିଁ କି ସେମାନଙ୍କ ପରିବାରକୁ ପୋଷିବା ନାହିଁ। ତେଣୁ ବାଣ ତିଆରି କିଭଳି ବନ୍ଦ କରାଯିବ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

## ପାକ୍-ଚୀନ୍ ସୀମାରେ ନିର୍ମାଣ ହେବ ୧୧୦ ସେଲ୍ଟର

**ନୂଆଦିଲ୍ଲୀ :** ସୀମା ପାର ଗୁଳି ଚାଳନା ଓ କ୍ଷେପଣାସ୍ତ୍ର ମାଡ଼ ହେବା ପରିପ୍ରେକ୍ଷୀରେ ଭାରତୀୟ ବାୟୁସେନା ଲଢୁଆ ବିମାନକୁ ସୁରକ୍ଷିତ ରଖିବା ପାଇଁ ପାକିସ୍ତାନ-ଚୀନ୍ ସୀମାରେ ୧୧୦ ସେଲ୍ଟର ନିର୍ମାଣ କରିବା ଲାଗି ସରକାର ୫୦୦୦ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ କରାଯିବ। ଏହା ପରେ ସେନା ତା'ର ଫ୍ରଣ୍ଟ୍ ଲାଇନ୍ ଲଢୁଆ ଜେଟ୍‌ଗୁଡ଼ିକୁ ସହଜରେ ବିନିଯୋଗ କରିପାରିବ। ଏହି ବିମାନଗୁଡ଼ିକ ମଧ୍ୟରେ ସୁଖୋଇ-୩୦ ମଧ୍ୟ ରହିଛି। ଏବେ ଏଭଳି ସେଲ୍ଟର ନଥିବାରୁ ସେନା ତା'ର ଫ୍ରଣ୍ଟ୍ ଲାଇନ୍ ଲଢୁଆ ବିମାନଗୁଡ଼ିକୁ ସୀମା ଠାରୁ ଦୂରରେ ରଖୁଛି। ୧୯୬୫ ଭାରତ- ପାକିସ୍ତାନ ଯୁଦ୍ଧରେ ଭାରତୀୟ ବାୟୁସେନାର କେତେକ ବିମାନ ନଷ୍ଟ ହୋଇଥିଲା। ସେଲ୍ଟର ନଥିବାରୁ ଲଢୁଆ ବିମାନଗୁଡ଼ିକୁ ଏୟାର ଷ୍ଟ୍ରିପ୍‌ରେ ରଖାଯାଇଥିଲା। ତା' ପରଠାରୁ ଲଢୁଆ ବିମାନକୁ ଶତ୍ରୁ କବଳରୁ ସୁରକ୍ଷିତ ରଖିବା ପାଇଁ ଏଭଳି ସେଲ୍ଟର ନିର୍ମାଣ ହେଲା। ଯଦ୍ୱାରା ଶତ୍ରୁ ଠାରୁ ଏହାକୁ ସୁରକ୍ଷିତ ରଖାଯାଇ ପାରିବ। କଂକ୍ରିଟ୍‌ରେ ନିର୍ମାଣ ହେଉଥିବା ଏହି ସେଲ୍ଟରକୁ ସହଜରେ ଗୁଳି ଭେଦ କରିପାରିବ ନାହିଁ।

# ଚୀନ୍‌ର ଲକ୍ଷ୍ୟ କାଶ୍ମୀରର ବିକାଶ

**ବେଜିଂ :** ଭାରତ - ପାକିସ୍ତାନ ବିବାଦରେ ଚୀନ୍ ପକ୍ଷ ହେବାକୁ ଚାହୁଁନାହିଁ, ବରଂ କଶ୍ମୀରର ବିକାଶ ଚାହୁଁଛି ବୋଲି ବେଜିଂ ପକ୍ଷରୁ କୁହାଯାଇଛି। ଚୀନ୍‌ର ରାଷ୍ଟ୍ରାୟତ୍ତ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ସମ୍ପାଦକୀୟରେ କୁହାଯାଇଛି, 'ବିବାଦୀୟ କଶ୍ମୀରର ଜନସାଧାରଣ ସର୍ବଦା ଦାରିଦ୍ର୍ୟ ଓ ଅନଗ୍ରସରତା ମଧ୍ୟରେ ରହିବା ସେମାନଙ୍କ ଭାଗ୍ୟରେ ଲେଖାଯାଇ ନାହିଁ। ଚୀନ୍‌ର ଏହି ଲକ୍ଷ୍ୟ ଉଭୟ ଭାରତ ଓ ପାକିସ୍ତାନର ଲକ୍ଷ୍ୟ ହେବା ଉଚିତ। ଯଦି ଦୁଇ ଦେଶ ଏ ସମ୍ପର୍କରେ ଏକାଠି ବସି ଆଲୋଚନା କରନ୍ତି, ତାହାହେଲେ ପାରସ୍ପରିକ ବିଶ୍ୱାସ ସୃଷ୍ଟି ହେବ ଏବଂ ଶାନ୍ତିପୂର୍ଣ୍ଣ ଆଲୋଚନାର ଭିତ୍ତି ସ୍ଥାପନ ହେବ। ଦୁଇ ଦେଶ ଚୀନ୍ ସହ ମିଶି ଆତଙ୍କବାଦର ଦମନ ପାଇଁ ପଦକ୍ଷେପକୁ ଆହୁରି ବଳିଷ୍ଠ କରିପାରିବେ।' ପାକିସ୍ତାନୀ ଆତଙ୍କୀ ସଂଗଠନ ଜୈଶ-ଇମହ ମ୍ମଦ ମୁଖ୍ୟ ମାସୁଦ୍ ଆଝାରକୁ ଜାତିସଂଘରେ ଅନ୍ତର୍ଜାତୀୟ ଆତଙ୍କୀ ତାଲିକାରେ ଅନ୍ତର୍ଭୁକ୍ତ କରିବାରେ ଚୀନ୍ ବାଧା ଦେଉଛି ବୋଲି ଭାରତର ଅଭିଯୋଗକୁ ଏହି ସମ୍ପାଦକୀୟରେ ଅଗ୍ରାହ୍ୟ କରାଯାଇଛି। ଏହି ସମ୍ପାଦକୀୟରେ ଆହୁରି କୁହାଯାଇଛି, 'ଚୀନ୍ ଭାରତ-ପାକ୍ ବିବାଦରେ ପକ୍ଷ ନେବ ନାହିଁ। ଦୁଇ ଦେଶ ମଧ୍ୟରେ ଦେଖା ଦେଇଥିବା ଉତ୍ତେଜନା ହ୍ରାସ କରିବା ଓ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବାରେ ଚୀନ୍ ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ଚୀନ୍ ଏଥିରେ ମଧ୍ୟସ୍ଥି ଭୂମିକା ଗ୍ରହଣ କରିବ।' ପାକିସ୍ତାନ ତା ମାଟିରେ



ଆତଙ୍କୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିବା ନେଇ ଇସ୍‌ଲାମାବାଦ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ବିଶେଷକରି ପୁଲୱାମାରେ ଜୈଶ-ଇ-ମହମ୍ମଦ୍‌ର ଆତଙ୍କୀ ହମ୍‌ଲାରେ ସିଆର୍‌ପିଏଫ୍‌ର ୪୦ ଯବାନ ସହିଦ ହେବା ପରେ ଭାରତ ପାକିସ୍ତାନ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ଚାପ ସୃଷ୍ଟି କରିବାରେ କୂଟନୈତିକ ସ୍ତରରେ ସଫଳ ପଦକ୍ଷେପ ଗ୍ରହଣ କରିଛି। ତେବେ ଫେବୃଆରୀ ୨୬ରେ ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ପଶି ବାଲାକୋଟ୍‌ରେ ଜୈଶ୍‌ର ତାଲିମ୍ ଶିବିର ନଷ୍ଟ କରିବା ଏବଂ ପରଦିନ ଭାରତୀୟ ବାୟୁ ସୀମା ଉଲ୍ଲଂଘନ କରୁଥିବା ପାକ୍ ବିମାନକୁ ଖସାଇଦେବା ପରଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏଭଳି ଉତ୍ତେଜନା ପରିପ୍ରେକ୍ଷୀରେ ଗତ ସପ୍ତାହରେ ଚୀନ୍ ଉପବୈଦେଶିକ ମନ୍ତ୍ରୀ କୋଙ୍ଗ୍ କୁଆନୟୁଙ୍କୁ ଆଲୋଚନା କରିବା ପାଇଁ ପାକିସ୍ତାନ ପଠାଇଥିଲା। କୋଙ୍ଗ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ସେନାଧ୍ୟକ୍ଷ ଜେନେରାଲ କ୍ୱାମାର ଜାଭେଦ୍ ବାଜୱାଙ୍କୁ ଭେଟି ଏହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଇସ୍‌ଲାମାବାଦକୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### କରତାରପୁର କରିଡରକୁ ନେଇ ଭାରତ-ପାକ୍ ମଧ୍ୟରେ ବୈଠକ

# ଦୈନିକ ୫ ହଜାର ଭାରତୀୟଙ୍କୁ ଭିସାମୁକ୍ତ ତୀର୍ଥଯାତ୍ରା ପାଇଁ ଦାବି

**ନୂଆଦିଲ୍ଲୀ :** କରତାରପୁର ଶିଖ୍ କରିଡରକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରଥମ ବୈଠକରେ ଭିସାମୁକ୍ତ ତୀର୍ଥଯାତ୍ରା ପାଇଁ ଦାବି କରିଛି ଭାରତ। ପ୍ରତିଦିନ ୫ ହଜାର ଭାରତୀୟ ଶ୍ରଦ୍ଧାଳୁ ପାକିସ୍ତାନ ଯିବେ ବୋଲି ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଉଭୟ ରାଷ୍ଟ୍ର ପକ୍ଷରୁ ଜାରି କରାଯାଇଥିବା ଏକ ମିଳିତ ବିବୃତିରେ କୁହାଯାଇଛି ଯେ, ଏହି କରତାରପୁର ସାହିବ୍ କରିଡରର ବିଭିନ୍ନ ଦିଗ ଓ ବ୍ୟବସ୍ଥାକୁ ନେଇ ବ୍ୟାପକ ଏବଂ ଗଠନ ମୂଳକ ଆଲୋଚନା ହୋଇଛି। ଏହା ଶିଖ୍ ଧର୍ମର ମହାନ ଗୁରୁ ନାନକଙ୍କ ଅନ୍ତିମ ବିଶ୍ରାମସ୍ଥଳ ଏବଂ ଏଠାରେ ଥିବା ଗୁରୁଦ୍ୱାରା ଦରବାର ସାହିବ ଭାରତୀୟଙ୍କ ଧାର୍ମିକ ମନୋଭାବ ଜଡିତ ଥିବାରୁ ଭାରତ ପକ୍ଷରୁ ଦୀର୍ଘଦିନ ଧରି ଏହି କରିଡରକୁ ଗୁରୁତ୍ୱ ଦିଆଯାଇ ଆସୁଛି। ଅଟ୍ରୀଠାରେ ଏହି ଦ୍ୱିପାକ୍ଷିକ ବୈଠକରେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ପକ୍ଷରୁ



ଏସ୍‌ସିଏଲ୍ ଦାସ ନାମକ ଜଣେ ଅଧିକାରୀ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଥିଲେ। ତାଙ୍କ ସହିତ ପାକିସ୍ତାନ ପକ୍ଷରୁ ସେଠାକାର ବୈଦେଶିକ ମନ୍ତ୍ରାଳୟର ଡିଜି ଡକ୍ଟର ମହମ୍ମଦ ଫୈଜଙ୍କ ନେତୃତ୍ୱରେ କିଛି ପାକିସ୍ତାନୀ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ। ଶ୍ରୀ ଦାସ ବୈଠକ ପରେ ସୂଚନା ଦେଇ କହିଛନ୍ତି ଯେ, ଭାରତ ପକ୍ଷରୁ ୩ଟି ଦାବି ରଖାଯାଇଥିଲା। ଏହି ୩ଟି ଦାବି ମଧ୍ୟରୁ ଗୋଟିଏ ଥିଲା, ପ୍ରତିଦିନ ୫୦୦୦ ଶ୍ରଦ୍ଧାଳୁ ଏହି ତୀର୍ଥ ସ୍ଥାନକୁ ଯିବା ପାଇଁ ପାକିସ୍ତାନ ଅନୁମତି ଦେଉ। ଗୁରୁପର୍ବ ଏବଂ ବୈଶାଖୀ ଭଳି ବିଶେଷ ଦିନରେ ଏହି ସଂଖ୍ୟା ୧୦ ହଜାରକୁ ବୃଦ୍ଧି ପାଇଁ ମଧ୍ୟ ଦାବି କରାଯାଇଛି। ପ୍ରବାସୀ ଭାରତୀୟଙ୍କ ସମେତ ସମସ୍ତ ଭାରତୀୟଙ୍କୁ ଭିସାମୁକ୍ତ ପ୍ରବେଶ ଅନୁମତି ଏବଂ ଯଦି କେହି ଶ୍ରଦ୍ଧାଳୁ ଚାହାନ୍ତି ସେମାନେ ଖାଲି ପାଦରେ ମଧ୍ୟ ଯିବାକୁ ଦିଆଯାଉ ବୋଲି ଦାବି କରାଯାଇଛି। ସପ୍ତାହକ ୭ଦିନ ଏହି କରିଡର ଖୋଲା ରଖାଯାଉ ଏବଂ କୌଣସି ଦିନରେ ମଧ୍ୟ ଏହାକୁ ବନ୍ଦ ନକରିବାକୁ ପ୍ରସ୍ତାବ ଦିଆଯାଇଛି। ଆଗାମୀ ବୈଠକରେ ଏହି ପ୍ରସ୍ତାବ ଗୁଡିକ ବାବଦରେ ଆଲୋଚନା କରାଯିବ ବୋଲି ପାକିସ୍ତାନର ପ୍ରତିନିଧି କଥା ଦେଇଥିବା ଶ୍ରୀ ଦାସ ସୂଚନା ଦେଇଥିଲେ। ଆସନ୍ତା ଏପ୍ରିଲ ୨ ତାରିଖରେ ପୁଣି ବୈଠକ ହେବାକୁ ତାରିଖ ନିର୍ଦ୍ଧାରଣ କରାଯାଇଛି। ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଜାରି ହୋଇଥିବା ଏକ ବିବୃତିରେ କୁହାଯାଇଛି, ଉଭୟ ପକ୍ଷରୁ ବୈଷୟିକ ବିଶେଷଜ୍ଞଙ୍କର ଏକ ପ୍ରତିନିଧି ମଣ୍ଡଳୀ ମାର୍ଚ୍ଚ ୧୯ ତାରିଖରେ ଭେଟ ହେବାର ଅଛି। ସେମାନେ ପ୍ରସ୍ତାବିତ ଜିରୋ ପଏଣ୍ଟରେ ଭେଟ ହୋଇ ଏହି ପ୍ରକଳ୍ପ ବାବଦରେ ଆଲୋଚନା କରିବେ।

## 'ରେଳବାଇ ବିଦ୍ୟୁତ୍‌କରଣ ୟୁନିଟ୍ ସ୍ଥାନାନ୍ତର ନିଷ୍ପତ୍ତି ଏକ ଷଡଯନ୍ତ୍ର'

**ଭୁବନେଶ୍ୱର :** ଦୀର୍ଘ ୨୨ ବର୍ଷ ଧରି ଓଡିଶାରେ ରେଳ ବିଦ୍ୟୁତ୍‌କରଣ ପ୍ରକଳ୍ପ କାର୍ଯ୍ୟକାରୀ କରି ଆସୁଥିବା ରେଳ କାର୍ଯ୍ୟାଳୟକୁ ବନ୍ଦ କରି ବେଙ୍ଗାଲୁରୁକୁ ଉଠାଇ ନେବା ପାଇଁ ରେଳ ବୋର୍ଡ ନିଷ୍ପତି ନେଇଛି। ବିନା କୌଣସି କାରଣରେ ଏହି କାର୍ଯ୍ୟାଳୟକୁ ଆସନ୍ତା ୩୧ ତାରିଖ ସୁଦ୍ଧା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଆସିଛି। ଏହି ନିଷ୍ପତି ଦ୍ୱାରା ଓଡିଶାରେ ୬ଟି ବୃହତ ରେଳ ପ୍ରକଳ୍ପର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ। ଏଥିସହ ପ୍ରକଳ୍ପରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ବେରୋଜଗାର ହେବା ସହ ଶତାଧିକ ଅଭିଜ୍ଞ ବିଦ୍ୟୁତ୍ ଯନ୍ତ୍ରୀ ବିକ୍ଷିପ୍ତ ଭାବେ କାର୍ଯ୍ୟ କରିବାକୁ ବାଧ ହେବେ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି। ୱାଲଟିୟର ଡିଭିଜନ୍‌କୁ ଓଡିଶାରୁ ଅଲଗା କରିବା ପରେ ଓଡିଶାର ରେଳବାଇ ସ୍ୱାର୍ଥ ବିରୋଧରେ ଆଉ ଏକ ଚକ୍ରାନ୍ତ ବୋଲି କୁହାଯାଉଛି। ଭୁବନେଶ୍ୱରରେ ଥିବା ରେଳ ବିଦ୍ୟୁତ୍‌କରଣ ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଦ୍ୱାରା ରାଜ୍ୟର ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାଏ। ଗତ ୨୨ ବର୍ଷ ଧରି ରେଳବାଇର ଏହି ବିଭାଗ ପୂର୍ବତଟ ରେଳପଥ ସମେତ ଓଡିଶା ମଧ୍ୟରେ ଥିବା ଅନ୍ୟ ରେଳ ଜୋନ୍‌ର ପ୍ରକଳ୍ପଗୁଡିକୁ ସଫଳତାର ସହ ପରିଚାଳନା କରି ଆସୁଛି। ଭୁବନେଶ୍ୱରରେ ଏହି କାର୍ଯ୍ୟାଳୟ ଥିବାରୁ ସ୍ୱାଭାବିକ ଭାବେ ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହଜ ହୋଇଥାଏ। ତେବେ କୌଣସି କାରଣ ନଥାଇ ଭୁବନେଶ୍ୱର କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ରେଳବୋର୍ଡ ପକ୍ଷରୁ ନିଷ୍ପତି ହୋଇଛି। ଚଳିତ ମାସ ୧୩ ତାରିଖରେ ରେଳବୋର୍ଡ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ରେଳ ବିଦ୍ୟୁତ୍‌କରଣ) ଭୂପିନ୍ଦର ସିଂହ ବୋଧ ଆହ୍ଲାବାଦସ୍ଥିତ ବିଭାଗର ମହାପ୍ରବନ୍ଧକଙ୍କୁ ପତ୍ର ଲେଖି ଭୁବନେଶ୍ୱର କାର୍ଯ୍ୟାଳୟକୁ ବନ୍ଦ କରି ବେଙ୍ଗାଲୁରୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ହେଲେ ଭୁବନେଶ୍ୱର କାର୍ଯ୍ୟାଳୟ ହାତକୁ ନେଇଥିବା ପ୍ରକଳ୍ପର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖା ଦେଇଛି ବୋଲି ଶ୍ରୀ ନାୟକ କହିଛନ୍ତି।

# ହାତ ଧରିଲେ ଯଜ୍ଞେଶ୍ୱର



**ଭୁବନେଶ୍ୱର :** ଭାରତବର୍ଷରେ କଂଗ୍ରେସ ଦଳ ହିଁ କେବଳ ଗଣତନ୍ତ୍ରକୁ ସୁରକ୍ଷା ଦେଇପାରିବ ଓ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ରାଜନୈତିକ ପରିବର୍ତନ ସମ୍ଭବ ବୋଲି ଆଜି କଂଗ୍ରେସ ଦଳରେ ଯୋଗଦେଇ ବରିଷ୍ଠ ରାଜନେତା, ପୂର୍ବତନ ବିଧାୟକ ତଥା ବିଶିଷ୍ଟ ସମବାୟବିତ୍ ଯଜ୍ଞେଶ୍ୱର ବାବୁ କଂଗ୍ରେସ ଭବନଠାରେ ନିଜର ମତ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ 'କଂଗ୍ରେସ' ପୁସ୍ତକ ଲୋକାର୍ପଣ ଉତ୍ସବରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଭାରତବର୍ଷରେ ଏକମାତ୍ର ଦଳ କଂଗ୍ରେସ ଯେ, ତଳେ ପଡିଥିବା ମଣିଷର କଥା ସବୁବେଳେ ଚିନ୍ତା କରିଆସିଛି। ଅନ୍ୟ ରାଜନୈତିକ ଦଳମାନେ କେବଳ ଭୋଟ ରାଜନୀତି କରୁଥିବା ବେଳେ କଂଗ୍ରେସ ଦଳ ଭାରତବାସୀଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇ ଆସିଛି। ପ୍ରଦେଶ କଂଗ୍ରେସର ବରିଷ୍ଠ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପୁସ୍ତକର ଲେଖକ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ କହିଲେ ଯେ ଏହି ପୁସ୍ତକରେ ସଂକ୍ଷିପ୍ତ ଭାବରେ କଂଗ୍ରେସ ଦଳର ଇତିହାସ ସହ ବିରୋଧିଦଳମାନେ ଉଠାଉଥିବା ବହୁ ପ୍ରଶ୍ନର ଉତର ଦିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ଅନ୍ୟତମ ଉପସଭାପତି ଅଧ୍ୟାପକ କୈଳାସ ଆଚାର୍ଯ୍ୟ, କଂଗ୍ରେସ ନେତା ଜ୍ଞାନଦେବ ବେଉରା ପ୍ରମୁଖ ନିଜର ଆଭିମୁଖ୍ୟ ରଖିଥିଲେ। 'କଂଗ୍ରେସ' ପୁସ୍ତକଟି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କୁ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ରାଜନୈତିକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଶାନ୍ତ କିଶୋରଙ୍କ ଟିମ୍‌ର ସଦସ୍ୟ ଶୁଭ ସାଇ ମିଶ୍ର କଂଗ୍ରେସ ଦଳରେ ଯୋଗ ଦେଇଥିବା ସଭାପତି ଶ୍ରୀ ପଟ୍ଟନାୟକ ଘୋଷଣା କରିବା ପରେ ପ୍ରଦେଶ କଂଗ୍ରେସ ସଂଯୋଜକ ପଦ୍ମାକର ଗୁରୁ ଧନ୍ୟବାଦ ଦେଇଥିଲେ।

# ଭୟଶୂନ୍ୟ ନିର୍ବାଚନ ପାଇଁ ପୋଲିସ ତତ୍ପର

## କେନ୍ଦ୍ରରୁ ଆସିବେ ୧୫୦ କମ୍ପାନୀ ଫୋର୍ସ



**ଭୁବନେଶ୍ୱର :** ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ପରିଚାଳନା ପାଇଁ ଉଦ୍ୟମ ଚଳାଇଛି ପୋଲିସ। ବିଶେଷକରି ମାଓ ଉପଦ୍ରବ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଓ ଭୟଶୂନ୍ୟ ନିର୍ବାଚନ ଲାଗି ପୋଲିସ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଉଛି। ଉକ୍ତ ଅଞ୍ଚଳରେ ସୁରକ୍ଷା ଦାୟିତ୍ୱ ରାଜ୍ୟ ସୁରକ୍ଷାବାହିନୀ ସହ କେନ୍ଦ୍ରୀୟ ଫୋର୍ସକୁ ବିଶେଷ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ପୋଲିସ ଡିଜି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା। ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି କହିଥିଲେ, ସାଧାରଣ ନିର୍ବାଚନକୁ ମାଓବାଦୀମାନେ ବର୍ଜନ କରିବାକୁ ଘୋଷଣା କରିଛନ୍ତି। ଫଳରେ ସେମାନେ ନିର୍ବାଚନ ସମୟରେ କିଛି ଅଘଟଣ ଘଟାଇବା ଆଶଙ୍କା ରହିଛି। ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଗୁଇନ୍ଦାକୁ ମଧ୍ୟ ସକ୍ରିୟ କରାଯାଇଛି। ସବୁ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତ ଅପରେସନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହିତ ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମିଳିତ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଉଛି। ସେହିପରି ନିର୍ବାଚନ ସମୟରେ ବ୍ୟାପକ ସୁରକ୍ଷାର ଆବଶ୍ୟକତା ରହିଛି। ତେଣୁ ନିର୍ବାଚନ ସୁରକ୍ଷା ଲାଗି କେନ୍ଦ୍ର ସରକାରଙ୍କୁ ୧୫୦ କମ୍ପାନୀ ଫୋର୍ସ ଯୋଗାଇ ଦେବାକୁ ନିବେଦନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୯ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମାଓଉପଦ୍ରବ ଅଞ୍ଚଳରେ ମୁତୟନ କରାଯିବ। ଏଥିସହିତ ରାଜ୍ୟ ପୁଲିସ, ଏସଓଜିଙ୍କୁ ମୁତୟନ କରାଯିବ। ପରବର୍ତ୍ତୀ ସମୟରେ ଅଧିକ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବ। ସେହିପରି ମାଓଉପଦ୍ରବ ଅଞ୍ଚଳକୁ ନିର୍ବାଚନ ପ୍ରଚାରରେ ଆସୁଥିବା ରାଜନେତାମାନେ ଏସଓପି ପାଳନ କରିବାକୁ କୁହାଯାଇଛି ବୋଲି ଡିଜିପି କହିଥିଲେ। ଏଥିସହିତ ନିର୍ବାଚନ ସମୟରେ ସାଧାରଣତଃ ଅନ୍ତଃରାଜ୍ୟ ଅପରାଧୀ, ମାଓବାଦୀ ଓ ନିଶା ମାଫିଆମାନେ ସକ୍ରିୟ ହୋଇଉଠନ୍ତି। ଏମାନଙ୍କ ଅପରାଧ ସାମ୍ରାଜ୍ୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବ୍ୟାପିଥାଏ। ଏପରିକି ବେଆଇନ ଅର୍ଥ ଓ ନିଶା କାରବାର ମଧ୍ୟ ବୃଦ୍ଧି ପାଇଥାଏ। ଏହାକୁ ରୋକିବା ଲାଗି ପଡ଼ୋଶୀ ରାଜ୍ୟ ସହ ସମନ୍ୱୟ ରକ୍ଷା କରାଯାଉଛି। ନିୟମିତ ଭାବେ ପଡୋଶୀ ପୋଲିସ ଜିଲ୍ଲା ଏସପି, ଡିଆଇଜି ଏବଂ ଆଇଜିଙ୍କ ମଧ୍ୟରେ ଯୋଗାଯୋଗ କରାଯାଉଛି ବୋଲି କହିଛନ୍ତି ଡିଜି ଶ୍ରୀ ଶର୍ମା।

## ଖୋର୍ଦ୍ଧାରେ ଆଲୋକିକରଣ ବ୍ୟବସ୍ଥା ଫେଲ୍

**ଖୋର୍ଦ୍ଧା :** କାଗଜ କଲମରେ ଏକ ନମ୍ବର ଜିଲ୍ଲାର ମାନ୍ୟତା ପାଇଥିବା ଖୋର୍ଦ୍ଧା ଜିଲ୍ଲା ଆଜି ସବୁ ଠାରୁ ଏକ ପଛୁଆ ଜିଲ୍ଲା ଭାବରେ ପରିଗଣିତ ହୋଇଛି। କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ସହର ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀ କରଣ କରାଯାଇଥିଲେ ମଧ୍ୟ ଆଜି ଖୋର୍ଦ୍ଧା ସହର ଅନ୍ଧକାର ମଧ୍ୟରେ ରହିଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ଠାରୁ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋକ ସଭା ସାଂସଦ ଡ଼ଃ.ପ୍ରସନ୍ନ କୁମାର ପାଟଶାଣୀଙ୍କ ଆଞ୍ଚଳିକ ଉନ୍ନୟନ ଅନୁଦାନ ପାଣ୍ଠି ଏହି ହାଇମାଷ୍ଟ ଲାଇଟ୍‌ର ସ୍ଥାପନ କରାଯାଇଥିଲା। କିଛି ଦିନ ଜଳିଲା ପରେ ଏହା ନିମ୍ନ ମାନର କାମ ଯୋଗୁଁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇ ଗଲା। ହାଲୋଜିନ୍ ବଲବ ବଦଳରେ ଏଲ.ଇ.ଡ଼ି ବଲବ ଲଗାଗଲା। କିନ୍ତୁ ଅବସ୍ଥାରେ କୌଣସି ସୁଧାର ଆସିଲା ନାହିଁ। ଦ୍ୱିତୀୟ ପର୍ଯ୍ୟାୟରେ ଖୋର୍ଦ୍ଧା ପଲ୍ଲାହାଟ ଠାରୁ ଇସ୍‌କନ୍ ମଠ ପର୍ଯ୍ୟନ୍ତ ହାଇମାକ୍ସ ଲାଇଟର ସମ୍ପ୍ରସାରଣ କରାଗଲା। ନାମଫଳକ ଲଗାଯାଇ ଶୁଭ ଉଦ୍‌ଘାଟନ କରାଗଲା। କିଛି ଦିନ ଏହା ଜଳିବା ପରେ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ରାତ୍ରି ସମୟରେ ଖୋର୍ଦ୍ଧା ସହର ଆଜି ଅନ୍ଧକାରମୟ ହୋଇପଡ଼ିଛି। ଯାହା ଫଳରେ ଚୋରି ରାହାଜାନି ବୃଦ୍ଧି ପାଇଛି। ଏହି ହାଇମାଷ୍ଟ ଲାଇଟବାବଦକୁ କୋଟି କୋଟି ଟଙ୍କା ଲୁଟ୍ କରାଯାଇଛି। ଟେଣ୍ଡର କାମ ଅଭିଜ୍ଞତା ନଥିବା କମ୍ପାନୀ କୁ ଦିଆଯାଇଛି। ଫଳରେ ଖୋର୍ଦ୍ଧା ବାସୀ ଆଜି ଅନ୍ଧକାରରେ ଦିନ କାଟୁଛନ୍ତି। ଏ ସମ୍ପର୍କରେ ବିଦ୍ଧ ବଦ୍ଧ ଭାବରେ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଖୋର୍ଦ୍ଧାରେ ବଢ଼ିଚାଲିଛି ରାଜନୈତିକ ଉଷ୍ମତା

**ଖୋର୍ଦ୍ଧା :** ଖୋର୍ଦ୍ଧା ବିଧାନ ସଭା ଓ ଲୋକସଭା ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ବିଭିନ୍ନ ଦଳରୁ ପ୍ରାର୍ଥୀ ଠିଆ ହେବାକୁ ସ୍ଥିର ହୋଇଥିବା ବେଳେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ଯୋରସୋର୍ ଟକ୍କର ହେବାକୁ ଯାଉଛି । ବିଜେପି ଦଳ ମଧ୍ୟରେ ଅନେକ ଗୁଡ଼ିଏ ବିଦ୍ରୋହୀ ପ୍ରାର୍ଥୀ ବିଧାୟକ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବାକୁ ଯୋରସୋର୍‌ରେ ଆଶାୟୀ ଥିବା ବେଳେ ଯୋଗ୍ୟ ପ୍ରାର୍ଥୀ ବାଛିବା ପାଇଁ ବିଜେପି ଦଳ ମଧ୍ୟରେ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଠିକ୍ ସେହିପରି ଭାବରେ ବିଜେଡି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ନିମନ୍ତେ ଅନେକ ଆଶାୟୀ ଥିବା ବେଳେ ସମସ୍ତଙ୍କୁ ପଛରେ ପକାଇ ଘୋଡ଼ା ଦୌଡ଼ରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ସଭାପତି ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ଦଳେଇ ସର୍ବାଗ୍ରେ ରହିଥିବା ଜଣାପଡ଼ିଅଛି । ଶ୍ରୀ ଦଳେଇ ପୂର୍ବରୁ ଖୋର୍ଦ୍ଧା ପଂଚାୟତ ସମିତିର ଅଧ୍ୟକ୍ଷ ଥିବା ବେଳେ ସୁଚାରୁରୂପେ ୫ବର୍ଷ ସଫଳତାର ସହିତ କାର୍ଯ୍ୟ ତୁଲାଇ ଦଳର ସୁପ୍ରିମ ଏବଂ ଖୋର୍ଦ୍ଧା ଜନସାଧାରଣଙ୍କ ପ୍ରିୟପାତ୍ର ହୋଇଥିଲେ। ତାଙ୍କର ବିଚକ୍ଷଣ ବୁଦ୍ଧି ସହିତ କାର୍ଯ୍ୟକଳାପକୁ ବିଜୁ ଜନତା ଦଳର ସୁପ୍ରିମ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସନ୍ତୋଷ ପ୍ରକାଶ କରି ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା-ଜିଲ୍ଲା ପରିଷଦର ସଭାପତି ପଦବୀରେ ଅବସ୍ଥାପିତ କରିଥିଲେ । ଶ୍ରୀ ଦଳେଇଙ୍କ କାର୍ଯ୍ୟଶୈଳୀକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ପଦକୁ ସୁଚାରୁରୂପେ ତୁଲାଇବା ସହ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ସଠିକ୍ ରୂପାୟନ ଦେବା ସହ ନିଜେ ତାହାକୁ ତର୍ଜମା ମଧ୍ୟ କରୁଥିଲେ । ନିକଟରେ ବିଜୁ ଜନତା ଦଳ ତରଫରୁ ହୋଇଥିବା ପିଠା କାର୍ଯ୍ୟକ୍ରମ, ମୁଁ ହିରୋ, ବିଜୁ ଯୁବବାହିନୀ ସମାବେଶ, ମିଶନ୍ ଶକ୍ତି କାର୍ଯ୍ୟକ୍ରମ ସୁଚାରୁରୂପେ କରି ବିଜୁ ଜନତା ଦଳକୁ ଏକତ୍ରିତ କରି ରଖିଥିଲେ । ଏହାକୁ କେନ୍ଦ୍ର କରି ଖୋର୍ଦ୍ଧା ବିଧାନସଭା ନିର୍ବାଚନ ପାଇଁ ତାଙ୍କ ନାମକୁ ପ୍ରଥମ ପର୍ଯ୍ୟାୟରେ ବିଚାରକୁ ବିଜୁ ଜନତା ଦଳ ନେଇଥିବା ବେଳେ ଖୋର୍ଦ୍ଧା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ମନରେ ଆନନ୍ଦ ଉଲ୍ଲାସ ଖେଳି ଯାଇଅଛି ଏବଂ ହାଇକମାଣ୍ଡ ନୂଆ ଚେହେରା ଦେବା ପାଇଁ ଆଗରୁ ଘୋଷଣା କରିଥିବା ବେଳେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରମାନେ ହାଇକମାଣ୍ଡଙ୍କୁ ସାଧୁବାଦ ଜଣାଇଛନ୍ତି ଏବଂ ଏଠାରେ ସାଧାରଣରେ ଚର୍ଚ୍ଚା ହେଉଅଛି ଶ୍ରୀଯୁକ୍ତ ଦଳେଇଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଖୋର୍ଦ୍ଧାରୁ ଟିକେଟ୍ ପ୍ରଦାନ କରାଗଲେ ତାଙ୍କର ବିଜୟ ସହଜସାଧ ହୋଇପାରିବା ସହ ଖୋର୍ଦ୍ଧାରେ ବିଜେଡିର ପତିଆରା ଜାରି ରହିବ।

# 'ବିଜେପି ସରକାର ଆସିଲେ ଓଡିଆ ଭାଷାରେ ଶାସନ'

**ଭୁବନେଶ୍ୱର :** ସଂକଳ୍ପ ସମିତିର ଅଧ୍ୟକ୍ଷ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବିଜେପି ସଂକଳ୍ପ ସମିତିର ପଞ୍ଚମ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ସାଢେ ୪ କୋଟି ଓଡିଆଙ୍କ ସ୍ୱପ୍ନ ଏବଂ ଆବଶ୍ୟକତା ଅନୁଯାୟୀ ବିଜେପି ୨୦୧୯ ସାଧାରଣ ନିର୍ବାଚନର ସଂକଳ୍ପ ପତ୍ର ତଥା ନିର୍ବାଚନ ଇସ୍ତାହାର ତିଆରି କରିବ। ବିଶେଷ କରି ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ସମାଜର ତୃଣମୂଳ ସ୍ତରରୁ ସାଧାରଣ ଲୋକଙ୍କ ଦାବି ଏବଂ ଆବଶ୍ୟକତାକୁ ନେଇ ଚଳିତ ବର୍ଷ ସଂକଳ୍ପ ପତ୍ର ବିଜେପି ପକ୍ଷରୁ ପ୍ରକାଶ କରାଯିବ ବୋଲି ସଂକଳ୍ପ ପତ୍ର ସମିତିର ଅଧ୍ୟକ୍ଷ ତଥା ବିଜେପିର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ସୂଚନା ଦେଇଛନ୍ତି। ଖୁବଶୀଘ୍ର ବିଜେପି ସଂକଳ୍ପ ପତ୍ର ପ୍ରକାଶ କରିବ। ଓଡିଆ ଭାଷାରେ ଓଡିଶାରେ ଶାସନ ଚାଲିବ। ଓଡିଆ ଭାଷା ଓ ସଂସ୍କୃତି ସୁରକ୍ଷା ଦିଆଯିବ। ଚିଟ୍‌ଫଣ୍ଡରେ ୨୨ଲକ୍ଷରୁ ଅଧିକ ଜମାକାରୀଙ୍କୁ ରାଜ୍ୟସରକାର ଭଣ୍ଡାଇ ଚାଲିଛନ୍ତି । ରାଜ୍ୟରେ ବିଜେପି ସରକାର ଆସିଲେ ୬ ମାସ ଭିତରେ ଏକ ଆଇନ କରି ଜମାକାରୀମାନଙ୍କୁ ଚିହ୍ନଟ କରି ସମସ୍ତ ପଇସା ଫେରସ୍ତ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। କୃଷି କ୍ଷେତ୍ରରେ ଜଳସେଚନକୁ ଅଗ୍ରାଧିକାର ଦିଆଯିବ। ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲାଯିବ। ଏଗ୍ରୋ ବେସ ଇଣ୍ଡଷ୍ଟ୍ରୀର ଆବଶ୍ୟକତା ରହିଛି। ଅଣୁ,କ୍ଷୁଦ୍ର ଓ ଲଘୁ ଉଦ୍ୟମକୁ ପ୍ରାଧାନ୍ୟ ଦିଆଯିବ। ଏହା ଦ୍ୱାରା ଯୁବପିଢ଼ୀ ସ୍ୱାବଲମ୍ବୀ ହୋଇପାରିବେ। ସେହିପରି ପ୍ରତି ଇଣ୍ଡଷ୍ଟ୍ରୀରେ ଓଡିଆ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ରାଜ୍ୟରେ ଭାଗ ଚାଷୀଙ୍କୁ ବିଜେଡି ସରକାର ପ୍ରତାରିତ କରି ଆସିଛି। ବିଜେପି ସରକାର ଆସିଲେ ଭାଗଚାଷୀ ଆଇନ ଆଣି ଭାଗଚାଷୀଙ୍କୁ ପ୍ରଥମେ ଚିହ୍ନଟ କରାଯିବ। ଧାନ ଉପରେ ଏମଏସପି ବୃଦ୍ଧି କରାହେବା ସହ ଆବଶ୍ୟକସ୍ଥଳେ ବୋନସ ଦିଆଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ଗୋପବନ୍ଧୁ ଦାସ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ



**ଭୁବନେଶ୍ୱର :** ପୂର୍ବତନ ପ୍ରଶାସକ ଡକ୍ଟର ଗୋପବନ୍ଧୁ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଗୋପବନ୍ଧୁଙ୍କ ନିଯୁକ୍ତି ନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅବସର ପୂର୍ବରୁ ସେ ଗତ ୨ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ସେ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ନିଜର ପ୍ରଶାସନିକ କ୍ୟାରିୟରରେ ଜଣେ ସଚ୍ଚୋଟ ଏବଂ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ଶ୍ରୀ ଦାସ ବେଶ୍ ଜଣାଶୁଣା। ଅକ୍ଟୋବର ୨୦୧୯ରେ ଗୋପବନ୍ଧୁଙ୍କ କାର୍ଯ୍ୟକାଳ ସରୁଥିବାବେଳେ ସେ ଗତ ଫେବୃଆରୀରେ ନିଜ ପଦବୀରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ।

# ଚଳିତ ବର୍ଷ ପୁଣି ୨୪ ଆଦର୍ଶ ସ୍କୁଲରେ ପାଠପଢ଼ା

**ଭୁବନେଶ୍ୱର :** ଆସନ୍ତା ଶିକ୍ଷାବର୍ଷ ୨୦୧୯-୨୦ ଲାଗି ରାଜ୍ୟରେ ଆଉ ୨୪ଟି ଓଡ଼ିଶା ଆଦର୍ଶ ସ୍କୁଲରେ ପାଠପଢ଼ା ଆରମ୍ଭ ହେବ। ଏହି ନୂଆ ୨୪ଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୧୨ଟି ସ୍କୁଲ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅବଶିଷ୍ଟ ସ୍କୁଲଗୁଡ଼ିକର ନିର୍ମାଣ କାର୍ଯ୍ୟ ଏପ୍ରିଲ ଶେଷ ସୁଦ୍ଧା ଶେଷ ହେବ। ତେବେ ପୂର୍ବରୁ ରାଜ୍ୟରେ ୧୯୦ଟି ଆଦର୍ଶ ବିଦ୍ୟାଳୟ ଥିବାବେଳେ ନୂଆ ୨୪ଟି ସ୍କୁଲକୁ ମିଶାଇ ରାଜ୍ୟରେ ଆଦର୍ଶ ବିଦ୍ୟାଳୟର ସଂଖ୍ୟା ୨୧୪ରେ ପହଞ୍ଚିଛି। ଏହି ନୂତନ ୨୪ଟି ସ୍କୁଲ୍‌ରେ ନାମ ଲେଖା ଲାଗି ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। ନାମଲେଖା ପାଇଁ ମାର୍ଚ୍ଚ ୧୫ ଏବଂ ୨୪ତାରିଖରେ ପ୍ରବେଶିକା ପରୀକ୍ଷା ହେବ। ଏହି ୨୪ଟି ସ୍କୁଲ୍‌ରେ ପ୍ରଥମ ପର୍ଯ୍ୟାୟରେ କେବଳ ଷଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ନିଷ୍ପତ୍ତି ହୋଇଛି। ୨୪ଟି ନୂତନ ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି, ପାଠ୍ୟପୁସ୍ତକ, କମ୍ପ୍ୟୁଟର ପ୍ରଶିକ୍ଷଣ ତଥା ଆନୁଷଙ୍ଗିକ ଖର୍ଚ୍ଚପାଇଁ ୬ କୋଟି ୧୨ଲକ୍ଷ ୩୧ହଜାର ୨୦୦ଟଙ୍କା ବଜେଟ୍ ଧାର୍ଯ୍ୟ କରାଯାଇଛି। ତେବେ ଚଳିତବର୍ଷ ଯେଉଁ ନୂତନ ୨୪ଟି ଆଦର୍ଶ ବିଦ୍ୟାଳୟରେ ପାଠପଢ଼ା ହେବ ସେଥିରେ ରହିଛି ଅନୁଗୁଳର ୨ ଟି ସ୍କୁଲ, ବାଲେଶ୍ୱରରେ ୨ ଟି, କଟକରେ ୩ ଟି, ଭଦ୍ରକରେ ୨ଟି, ପୁରୀରେ ୨ଟି, ଢେଙ୍କାନାଳ ୨ ଟି, ନୟାଗଡ଼ ଜିଲ୍ଲାର ୨ଟି, ବଲାଙ୍ଗିର , କନ୍ଧମାଳ, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର, ସମ୍ବଲପୁର, ସୁନ୍ଦରଗଡ଼, ଗଞ୍ଜାମ ଓ କେଉଁଝର ଜିଲ୍ଲାରେ ଗୋଟିଏ ଲେଖାଏଁ ସ୍କୁଲ। ସମ୍ପୃକ୍ତ ୨୪ଟି ନୂଆ ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟକ୍ଷଙ୍କ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଏହି ନୂତନ ୨୪ଟି ଆଦର୍ଶ ବିଦ୍ୟାଳୟର ପରିଚାଳନା ସମ୍ପର୍କରେ ଏକ ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ୨୦୧୫-୧୬ ମସିହାରେ ରାଜ୍ୟରେ ପ୍ରଥମେ ଆଦର୍ଶ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ଏହି ବିଦ୍ୟାଳୟ ଗୁଡ଼ିକରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ଏହି ବିଦ୍ୟାଳୟ ମାଧ୍ୟମରେ ରାଜ୍ୟରେ ଗୁଣାତ୍ମକ ଶିକ୍ଷା, ଉନ୍ନତ ଭିତ୍ତିଭୂମି, ଶିକ୍ଷା ଉପଯୋଗୀ ପରିବେଶ ଲାଗି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ସିବିଏସ୍‌ଇ ପାଟର୍ନରେ ଶିକ୍ଷାଦାନ ଦିଆଯାଇଥାଏ। ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ କିପରି ଭିନ୍ନ ପଦ୍ଧତିରେ ଶିକ୍ଷାଦାନ ଦିଆଯାଇ ପାରିବ ତାକୁ ଗୁରୁତ୍ୱ ଦେଇ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି।

# ଓଡ଼ିଶାରେ କାର୍ଯ୍ୟକାରୀ ହେବ 'ପଢ଼େ ଭାରତ, ବଢ଼େ ଭାରତ' ଯୋଜନା

## ଖର୍ଚ୍ଚ ହେବ ୨୭ କୋଟି; ଉପକୃତ ହେବେ ୫୬ ହଜାର ୫୮ ସରକାରୀ ସ୍କୁଲ

**ଭୁବନେଶ୍ୱର :** ଓଡ଼ିଶାରେ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ 'ପଢ଼େ ଭାରତ, ବଢ଼େ ଭାରତ' ଯୋଜନା। ଏହି ଯୋଜନାରେ ରାଜ୍ୟରେ କେବଳ ସରକାରୀ ସ୍କୁଲଗୁଡ଼ିକୁ କେନ୍ଦ୍ର ସରକାର ଅନୁଦାନ ପ୍ରଦାନ କରିବେ। ଫଳରେ ମୋଟ ୫୬ହଜାର ୫୮ଟି ସରକାରୀ ସ୍କୁଲ ଏହି ଯୋଜନା ମାଧ୍ୟମରେ ଉପକୃତ ହୋଇପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଏନେଇ ସୋମବାର ଏନ୍‌ବିଟିର ଅଧିକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ଭେଟି ପିଲାଙ୍କ ପାଖରେ ଯେପରି ପୁସ୍ତକ ପହଞ୍ଚିବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାବ୍ୟତୀତ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଗାଡ଼ିରେ ଜିଲ୍ଲାୱାରି ପୁସ୍ତକ ପିଲାଙ୍କ ପାଖରେ ଯେପରି ପହଞ୍ଚିବ ସେ ନେଇ ମଧ୍ୟ ଉଦ୍ୟମ କରାଯିବ ବୋଲି ଆଲୋଚନା ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଏହି ଯୋଜନା ଲାଗି ୨୫କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ୨୭କୋଟି ଟଙ୍କାକୁ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ଏହି 'ପଢ଼େ ଭାରତ, ବଢ଼େ ଭାରତ' ଯୋଜନା ମାଧ୍ୟମରେ ସରକାରୀ ସ୍କୁଲଗୁଡ଼ିକରେ ପାଠାଗାରର ଉନ୍ନତି ଲାଗି କେନ୍ଦ୍ର ସରକାର ୩ ବର୍ଷିଆ ଯୋଜନାରେ ୨୭ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ, ଯେଉଁଥିରେ ୧ମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ସ୍କୁଲଗୁଡ଼ିକୁ ବର୍ଷକୁ ୩ହଜାର ଟଙ୍କା ଅନୁଦାନ ମିଳିବ। ସେହିପରି ଯେଉଁ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଛି ସମ୍ପୃକ୍ତ ସ୍କୁଲକୁ ବର୍ଷକୁ ୧୩ହଜାର ଟଙ୍କା, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲକୁ ଦଶ ହଜାର ଟଙ୍କା, ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ ସ୍କୁଲକୁ ୧୫ହଜାର ଟଙ୍କା, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ୧୫ହଜାର ଟଙ୍କା ଏବଂ ଯେଉଁ ସ୍କୁଲରେ କେବଳ ନବମ ଓ ଦଶମ ଶ୍ରେଣୀ ରହିଛି ସେହି ସ୍କୁଲକୁ ବର୍ଷକୁ ୧୦ହଜାର ଟଙ୍କା ପାଠାଗାର ଲାଗି ପ୍ରଦାନ କରାଯିବ। ଏହି ଅନୁଦାନ ପ୍ରତ୍ୟେକ ସ୍କୁଲକୁ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ୫୬ହଜାର ୫୮ଟି ସ୍କୁଲରେ ପାଠାଗାର ଲାଗି ଆବଶ୍ୟକ ଭିତ୍ତିଭୂମି ସଜାଡ଼ିବା ଲାଗି ସହାୟକ ଅର୍ଥ ପ୍ରଦାନ କରାଯିବ। ପରେ ୨ୟ ପର୍ଯ୍ୟାୟରେ ପୁସ୍ତକ କ୍ରୟ ଲାଗି ଅନୁଦାନ ଯୋଗାଇ ଦିଆଯିବ। ତେବେ ଏହି ରିଡିଂ କର୍ଣ୍ଣରର ରକ୍ଷଣାବେକ୍ଷଣ ଏବଂ ପିଲାଙ୍କୁ ପୁସ୍ତକ ଯୋଗାଇବା ଓ ପିଲାଙ୍କ ଠାରୁ ପୁସ୍ତକ ଆଣିବା ଲାଗି ସମ୍ପୃକ୍ତ ସ୍କୁଲର ଜଣେ ଶିକ୍ଷକଙ୍କୁ ନିୟୋଜିତ କରାଯିବ। ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଏକ ଲାଇବ୍ରେରୀ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବ, ଯେଉଁଥିରେ ପାଠାଗାରରେ କେଉଁ ପୁସ୍ତକ ରହିବ ଏବଂ କିଭଳି ଭାବେ କାର୍ଯ୍ୟକାରୀ ହେବ ସେ ନେଇ ସମସ୍ତ ନିୟମ ରହିବ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକରେ ଏହି ପାଠାଗାରର ନାମ ରିଡିଂ କର୍ଣ୍ଣର ରହିଥିବା ବେଳେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଲାଗି ଏହା ରିଡର୍ସ କ୍ଲବ୍ ନାମରେ ନାମିତ କରାଯିବ। ଏହି ଯୋଜନାରେ କେବଳ ଏନ୍‌ସିଇଆର୍‌ଟି, ଏନ୍‌ବିଟି, ଏସ୍‌ସିଇଆର୍‌ଟି ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ କ୍ରୟ କରାଯିବ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ - ୨୪ ମାର୍ଚ୍ଚ, ୨୦୧୯


# ଭୋଟର ଓ ନିର୍ବାଚନରେ ସ୍ୱଚ୍ଛତା

ସମ୍ପାଦକୀୟ

ତାରକ ମହାନ୍ତି



ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ନିର୍ବାଚନ କମିଶନ ଓ ଦେଶର ରାଜନୈତିକ ଦଳମାନେ ତତ୍ପର ହୋଇ ଉଠିଛନ୍ତି । ଜାତୀୟ ଓ ସ୍ୱୀକୃତିପ୍ରାପ୍ତ ଆଞ୍ଚଳିକ ରାଜନୈତିକ ଦଳର ନେତାମାନେ ବିକାଶ ଆଧାରରେ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହୋଇସାରିଲେଣି । ନିର୍ବାଚନ କମିଶନ ଏଥିପାଇଁ ଅନେକ ନିୟମ ଜାରି କରିଛନ୍ତି ଓ ଏହାକୁ ରାଜନୈତିକ ଦଳମାନେ କିଭଳି ମାନିବେ ସେ ନେଇ ବୈଠକ କରି ନିର୍ବାଚନୀ ଆଚାର ସଂହିତା ସମ୍ପର୍କରେ ସବିଶେଷ ତଥ୍ୟ ରଖୁଛନ୍ତି । ବିଶେଷକରି ଇଭିଏମ୍ ସୁରକ୍ଷା ସଂକ୍ରାନ୍ତୀୟ ତଥ୍ୟ ଓ ଚଳିତବର୍ଷ ପ୍ରଥମଥର ପାଇଁ ନିର୍ବାଚନରେ ଯେଉଁ ଭିଭିପାଟ୍ ବ୍ୟବହାର କରାଯିବ ସେ ନେଇ ରାଜନୈତିକ ଦଳର ନେତାମାନଙ୍କୁ ସୂଚନା ଦିଆଯାଇଛି । ଏଥିସହିତ ନିର୍ବାଚନରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବା ସମୟରେ ପୂରଣ କରାଯାଉଥିବା ଫର୍ମ-୨୬ ସଂକ୍ରାନ୍ତରେ ନିର୍ବାଚନ କମିଶନ ମଧ୍ୟ ପ୍ରାର୍ଥୀମାନଙ୍କୁ ଅବଗତ କରାଯାଇଛନ୍ତି । ଲୋକସଭା ଓ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀମାନେ ସର୍ବାଧିକ କେତେଟଙ୍କା ଖର୍ଚ୍ଚ କରିପାରିବେ ତା' ଉପରେ ମଧ୍ୟ କମିଶନ ଗୁରୁତ୍ୱ ଦେଉଛନ୍ତି । ନିର୍ବାଚନ ବେଳେ ବେଆଇନ ଅର୍ଥ କାରବାର ଉପରେ ମଧ୍ୟ ନଜର ରଖାଯିବା ପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି କମିଶନ । ଏଥିପାଇଁ ଏକ ଟୋଲ୍ ଫ୍ରି ନମ୍ବର ମଧ୍ୟ ପ୍ରଚଳନ କରାଯିବ । ଯଦ୍ୱାରା ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ବେଳେ କୌଣସି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଅର୍ଥ କାରବାର କଲେ ଏହା ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯାଇ ବିଚାର କରାଯିବ । ଅପରାଧିକ ରେକର୍ଡ ଥିବା ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ଶେଷ ପୂର୍ବରୁ ବୈଦ୍ୟୁତିକ୍ ଗଣମାଧ୍ୟମ ଓ ମୁଦ୍ରିତ ଗଣମାଧ୍ୟମରେ ତିନିଥର ନିଜ ସମ୍ପର୍କରେ ଜଣାଇବେ । ଏହାର ଖର୍ଚ୍ଚ ସମ୍ପୃକ୍ତ ପ୍ରାର୍ଥୀ ବହନ କରିବେ ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ଏହା ନିଶ୍ଚୟ ଉତ୍ତମ ପଦକ୍ଷେପ । ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ କରିବା ପାଇଁ ସବୁପ୍ରକାର ପ୍ରୟାସ ସ୍ୱାଗତଯୋଗ୍ୟ । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ସଫଳତାର ଆଧାର କ'ଣ ସେକଥା ଗୁରୁତ୍ୱପୂର୍ଣ୍ଣ । କାରଣ ପୂର୍ବାପେକ୍ଷା ସାମ୍ପ୍ରତିକ ସମୟରେ ନିର୍ବାଚନ ଆଉ ନିରପେକ୍ଷ ହୋଇ ରହିନାହିଁ ବୋଲି ମୋର ସ୍ପଷ୍ଟ ଧାରଣା । ଏହା ଏଇଥିପାଇଁ ଯେ ପୂର୍ବେ ବ୍ୟକ୍ତିତ୍ୱ ଓ ସମାଜସେବା ଆଧାରରେ ଜଣେ ପ୍ରାର୍ଥୀ ନିର୍ବାଚିତ ହେଉଥିଲା ବେଳେ ସମ୍ପ୍ରତି ଏହା ଆଉ ବଳବତ୍ତର ହୋଇ ରହିନାହିଁ । ନିର୍ବାଚନରେ ପ୍ରାର୍ଥୀ ହେବାକୁ ହେଲେ ଦଳୀୟ ମାପକାଠି ଅନୁସାରେ ନିଜକୁ ପ୍ରସ୍ତୁତ କରି ଏଥିପାଇଁ ଦଳ ଧାର୍ଯ୍ୟ କରିଥିବା ନୀତିନିୟମ ଓ ଆର୍ଥିକ ଆଦାନ ପ୍ରଦାନ ଉପରେ ଧ୍ୟାନ ଦେବାକୁ ପଡୁଛି । ଜିତାପଟ ମାରୁଥିବା ରାଜନୈତିକ ଦଳମାନଙ୍କ ପ୍ରତି ପ୍ରାର୍ଥୀମାନଙ୍କର ଅତୁଟ ବିଶ୍ୱାସ ରହିଥିଲା ବେଳେ ନୀତିନିଷ୍ଠ ଦଳମାନେ ପଛରେ ପଡି ଯାଉଛନ୍ତି । ଏହାର କାରଣ ଯେଉଁ ଦଳକୁ ଭରସା କଲେ ନିର୍ବାଚନ ବୈତରଣୀ ସହଜରେ ପାର କରିହେବ ପ୍ରାର୍ଥୀମାନେ ସେହି ଦଳକୁ ଶ୍ରେଷ୍ଠ ଦଳ ବୋଲି ବିଚାର କରୁଛନ୍ତି । ଏଥିରେ ନୀତିନିୟମ ଯେତିକି ବଡ କଥା ନୁହେଁ ହାରିବା ଜିତିବାର ଭାଗମାପ ସେତିକି ବଡ । ନିର୍ବାଚନରେ ନିରପେକ୍ଷତା କଥାଟି କୁହାଯାଉଥିଲେ ବି ବାସ୍ତବ କଥାଟି କିନ୍ତୁ ଭିନ୍ନ । କାରଣ ପ୍ରାର୍ଥୀ ନା ଭୋଟର କିଏ ନିରପେକ୍ଷତା ଅବଲମ୍ବନ କରିବେ ? ବ୍ୟୟବହୁଳ ନିର୍ବାଚନରେ ଜଣେ ପ୍ରାର୍ଥୀ ଜିତିବାକୁ ହେଲେ କେବଳ ଲୋକପ୍ରିୟତା ଆଧାରରେ ଏହା ଆଉ ସମ୍ଭବ ନୁହେଁ । ସମଗ୍ର ଭାରତ ବର୍ଷରେ ରାଜନୀତି ଅର୍ଥ, ବାହୁବଳ ଏବଂ ଅନ୍ୟ କେତେକ ବଳ ଉପରେ ନିର୍ଭର କରୁଛି । ଏହି ବଳ ନିଜର ନହୋଇ ପାରିଲେ ଦଳ ମଧ୍ୟ କିଛି କରିପାରିବ ନାହିଁ ।

ଆଗେ କାନ୍ଥ ବାଡରେ ଚକ ଖଡିଖଣ୍ଡେ ଦ୍ୱାରା ପ୍ରାର୍ଥୀଙ୍କ ନାମ, ଦଳ ଓ ଚିହ୍ନ ଲେଖି ପ୍ରଚାର କାର୍ଯ୍ୟ ସମ୍ପାଦନ କରାଯାଉଥିଲା ବେଳେ ଏବେ ତାହା ସେଭଳି ରହିଛି କି ? ପ୍ରଚାରର ମାର୍ଗ ଏତେ ସୁଦୂରପ୍ରସାରୀ ହୋଇଗଲାଣି ଯେ, ସେଥିରେ କେବଳ ଡାକବାଜି ଯନ୍ତ୍ର ବା ପୋଷ୍ଟର ବ୍ୟାନର ଲଗାଇ ଦେଲେ ପ୍ରଚାର କାର୍ଯ୍ୟ ସରିଯାଏନାହିଁ । ବରଂ ବୈଦ୍ୟୁତିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ମୁଦ୍ରିତ ଗଣମାଧ୍ୟମ ଓ ରଙ୍ଗୀନ ଲିଫ୍‌ଲେଟର ଆବଶ୍ୟକତା ପଡୁଛି । ସ୍ଥାନେ ସ୍ଥାନେ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡ ଜରିଆରେ ପ୍ରାର୍ଥୀମାନେ ନିଜ ସମ୍ପର୍କରେ ସବିଶେଷ ମନଗଢ଼ା ତଥ୍ୟ ପ୍ରଦର୍ଶନ କରିବା ସହ ନିଜର ରଙ୍ଗୀନ ଫଟୋ ଓ ନିଜେ ଜଡିତ ଥିବା ବିଭିନ୍ନ କାର୍ଯ୍ୟକ୍ରମର ଫଟୋମାନ ସ୍ଥାନ ପାଉଛି । ଭୋଟରଙ୍କୁ ଆକର୍ଷିତ କଲା ଭଳି ଗୀତ, ନାଚ ଏବଂ ଭୋଜିଭାତର ଆୟୋଜନ ନହୋଇ ପାରିଲେ ଭୋଟ ପ୍ରଚାର ଫିକା ପଡିଯାଉଛି । କେବଳ ଏତିକିରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହେଉନାହିଁ । ଏହାପରେ ଭୋଟରଙ୍କ ମନ କିଣିବା ଭଳି ଉପହାର (ଏହା ଅର୍ଥ ହୋଇପାରେ) ମଧ୍ୟ ଭେଟି ଦିଆଯାଉଛି । ବିନିମୟରେ ପ୍ରାର୍ଥୀ ଅତ୍ୟନ୍ତ ବିନମ୍ରତାର ସହିତ ଭୋଟରଙ୍କୁ ନିଜର ରକ୍ତ ସମ୍ପର୍କୀୟ ଭଳି ବ୍ୟବହାର ଦେଖାଇବା ସହିତ ମିଛିମିଛିକା ମିଠା କଥା କହି ମନ ମୋହିବା ମଧ୍ୟ ପ୍ରଚାରର ଅଂଶବିଶେଷ । ନିର୍ବାଚନରେ ଉଭା ହେଉଥିବା ଦଳୀୟ ପ୍ରାର୍ଥୀ ନିଜ ଦଳରୁ ଯଥେଷ୍ଟ ପରିମାରଣ ଖର୍ଚ୍ଚ ନପାଇଲେ ମଧ୍ୟ ଜିତିବା ପାଇଁ କଳେବଳେ କୌଶଳେ ଅର୍ଥ ସଂଗ୍ରହ କରି ଭୋଟରଙ୍କୁ ଖୁସି କରିବା ପାଇଁ ଲାଗି ପଡନ୍ତି । ଏଥିରେ ମଧ୍ୟ ପ୍ରାର୍ଥୀ-ପ୍ରାର୍ଥୀ ଓ ଦଳ-ଦଳ ମଧ୍ୟରେ ଛକାପଞ୍ଝା ଏବଂ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳେ । ଗଣତନ୍ତ୍ରକୁ ସୁଦୃଢ଼ କରିବା କଥା କହୁଥିବା ଦଳୀୟ ପ୍ରାର୍ଥୀମାନେ ବାସ୍ତବରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ କେତେ ପରିମାଣର ଆନ୍ତରିକତା ଦେଖାନ୍ତି ତାହା କେବଳ ସେହିମାନଙ୍କୁ ଜଣା । କାରଣ ଗଣତାନ୍ତ୍ରିକ ପଦ୍ଧତିରେ ଯଦି କାର୍ଯ୍ୟ ଠିକ୍‌ଠାକେ ଚାଲୁଥାନ୍ତା ତେବେ ଏତେ ପ୍ରଚାର ବା ଏତେ ଆଡମ୍ବରର ଆବଶ୍ୟକତା ପଡନ୍ତା ନାହିଁ । ନେତା ହେବା ପାଇଁ କେତେକ ପ୍ରାର୍ଥୀ ଋଣ କରିବାର ନଜିର ମଧ୍ୟ ରହିଛି । ଯଦି ସେ ଜିତି ଯାଆନ୍ତି ତେବେ ସେମାନଙ୍କ ସମସ୍ୟାର ସମାଧାନ ହେବା ସହିତ ଅର୍ଥ ସଙ୍କଟରୁ ମୁକ୍ତି ମିଳିଥାଏ । କିନ୍ତୁ ଯେଉଁ ପ୍ରାର୍ଥୀ ଋଣ କରି ନିର୍ବାଚନ ଲଢ଼ି ହାରି ଯାଆନ୍ତି ସେମାନେ ତଳିତଳାନ୍ତ ହେବା ସହିତ ଆଉଥରେ ଗୋଡ ଟାଣ କରି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ମନ ବଳାନ୍ତି ନାହିଁ । ଅଧିକାଂଶ ନିର୍ବାଚନ ସମୟରେ ବୁଦ୍ଧିଜୀବୀମାନେ କାହିଁକି ରାଜନୀତିକୁ ଆସୁନାହାନ୍ତି ବୋଲି ଆଲୋଚନା ହୁଏ । ବୁଦ୍ଧିଜୀବୀ ହେବା ଏବଂ ନିର୍ବାଚନ ବୈତରଣୀ ପାର ହେବା ସମାନ କଥା ନୁହେଁ । ନିର୍ବାଚନରେ ଖାଲି ଜ୍ଞାନ ରହିଲେ ଯେ ଜଣେ ପ୍ରାର୍ଥୀ ସ୍ୱଚ୍ଛନ୍ଦରେ ନିର୍ବାଚନ ଜିତିଯିବ ଏହା ଭାବିବା ଭୁଲ । କାରଣ ଯେଉଁ ହାରରେ ନିର୍ବାଚନ ଖର୍ଚ୍ଚ ବହନ କରିବାକୁ ପଡେ ସେହି ଦୃଷ୍ଟିକୋଣରୁ ଦେଖିଲେ ନିର୍ବାଚନ ଆଉ ସାଧାରଣ ଲୋକଙ୍କ ହାତରେ ନାହିଁ । ସମାଜସେବା ପାଇଁ ଆଗରୁ ଟଙ୍କାର ଆବଶ୍ୟକତା ନଥିଲା ବେଳେ ବର୍ତ୍ତମାନ ଏହା ଏଭଳି ଏକ ଧାରଣାରେ ପହଞ୍ଚି ଯାଇଛି ଯେ, ବିନା ଟଙ୍କାରେ ସମାଜସେବା ଅସମ୍ଭବ । ଗାଁ ଠୁ ସହର ପର୍ଯ୍ୟନ୍ତ ସବୁଠି ନିର୍ବାଚନର ମାହୋଲ ବ୍ୟୟବହୁଳ ହୋଇପଡିଛି । ତେଣୁ ନିର୍ବାଚନ ଖର୍ଚ୍ଚ ନ କମିଲେ ସ୍ୱଚ୍ଛ ପ୍ରାର୍ଥୀ ଏଥିରେ ଅଂଶଗ୍ରହଣ କରିବା ଅସମ୍ଭବ । ଭୋଟର ଯେପର୍ଯ୍ୟନ୍ତ ସ୍ୱଚ୍ଛ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ନିର୍ବାଚନରେ ସ୍ୱଚ୍ଛତା ଆସିପାରିବ ନାହିଁ ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଓଡ଼ିଆ ଜନଜୀବନରେ ଦୋଳଯାତ୍ରା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଫାଲଗୁନ୍ ଶୁକ୍ଳ ଦଶମୀ ତିଥି ଠାରୁ ସାଧାରଣତଃ ଓଡ଼ିଆ ଜନଜୀବନରେ ଦୋଳଯାତ୍ରା ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶରେ ଆରମ୍ଭ ହୋଇଥାଏ । ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ପ୍ରେମମୟ କୃଷ୍ଣ ଓ ରାଧାଙ୍କ ନିକଟରେ ଅଭିର ଅର୍ପଣ କରାଯାଇ ରାଧାକୃଷ୍ଣ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ଉତ୍ସବ ମୁଖରିତ ହୋଇଥାଏ । ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ଚିତ୍ତାକର୍ଷକ ସାଜସଜା ସହିତ ଘରେ ଘରେ ମହାପ୍ରଭୁ ପ୍ରସାଦ ପାଇଁ ବିଜେ କରିଥାନ୍ତି । ରଥଯାତ୍ରା ବେଳେ ଜଗତର ନାଥ ଜଗନ୍ନାଥ ନିଜ ସିଂହାସନରୁ ରାଜଦାଣ୍ଡକୁ ଯେଉଁପରି ଭାବରେ ଓହ୍ଲାଇ ଆସିଥାନ୍ତି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେବାପାଇଁ ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେଇ ସେମାନଙ୍କୁ କୃପା ପ୍ରଦାନ ପାଇଁ ଦୋଳ ଉତ୍ସବ ବେଳେ ଭକ୍ତମାନଙ୍କ ଘର ନିକଟକୁ ଯାଇଥାନ୍ତି । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି - ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ । ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ । ଏହି ନୃତ୍ୟ ଚିରନ୍ତନ । ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ । ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ । ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ । ରାସଲୀଳା ହେଉଛି ଏହାର ଇଙ୍ଗିତ । ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ ।

ବିଭିନ୍ନ ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିରର ଆଗ୍ନେୟ ଦିଗରେ ଅଗ୍ନିପୂଜା ପ୍ରସ୍ତୁତି କରାଯାଇ ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଦୋଳମଣ୍ଡପକୁ ନିଆଯାଇ ପୂଜାର୍ଚ୍ଚନା କରାଯାଇଥାଏ । ଅଚ୍ୟୁତାନନ୍ଦ ଦାସଙ୍କ ସପ୍ତଖଣ୍ଡ ହରିବଂଶ ତୃତୀୟ ଖଣ୍ଡରେ ଉଲ୍ଲେଖ ରହିଛି - 'ପରିମାଣ ଅଟେ ତାର ଶହେ ହାତ ସ୍ଥଳୀ, ସାତତାଳ ଉଚ୍ଚ ସେ ଯେ ନୁହଇ ତା କଳି' । ଅର୍ଥାତ୍ ବୃନ୍ଦାବନ ଠାରେ ନନ୍ଦସୂତ ଶ୍ରୀକୃଷ୍ଣଙ୍କ ଲାଗି ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଯେଉଁ ଦୋଳମଣ୍ଡପ ବିଶ୍ୱକର୍ମା ନିର୍ମାଣ କରିଥିଲେ ତାହାର ପରିସର ଥିଲା ଶହେ ହାତ । ଓଡ଼ିଶାର ଜନଜୀବନରେ ଗୋପାଳ ଜାତିର ଲୋକମାନେ ଦୋଳପୂର୍ଣ୍ଣିମାକୁ ପବିତ୍ର ପର୍ବ ହିସାବରେ ଗ୍ରହଣ କରିଥାନ୍ତି । ଏକଦା ଗୋପନଗରର ଗୋପାଳମାନେ ପୂର୍ବ ଫାଲଗୁନି ନକ୍ଷତ୍ରଯୁକ୍ତ ଫାଲଗୁନ ଶୁକ୍ଳ ପୂର୍ଣ୍ଣମୀ ତିଥିକୁ ଏକ ମହୋତ୍ସବ ରୂପେ ପାଳନ କରୁଥିଲେ । ଯାହାକି ଭକ୍ତକବି ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶର ତୃତୀୟ ଖଣ୍ଡରେ ଉଲ୍ଲେଖ ରହିଛି - 'ଯଶୋଦା ବୋଇଲେ ବାବୁ ଶୁଣରେ ଆତ୍ମଜ, ଗାଇ ମାନଙ୍କ ବନ୍ଦାଣ ଅଟେ ଆମ୍ଭ ଆଜ । ଗୋମାତାଙ୍କ ଜନ୍ମଦିନ ଅଟଇ ଯୁକତେ, ତେରଉ କରି ଗୋପ ଲୋକେ ଗମନ୍ତି ଉଷତେ' । ଗୋମାତାର ଜନ୍ମଦିବସ ରୂପେ ଦୋଳପୂର୍ଣ୍ଣମୀକୁ ହିନ୍ଦୁ ପୁରାଣ ଶାସ୍ତ୍ର ଗ୍ରହଣ କରିନେଇଛି । ଦୋଳ ପୂର୍ଣ୍ଣିମାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିମାନରେ ଗ୍ରାମ୍ୟ ପରିକ୍ରମା ସମୟରେ ଭାବବିହ୍ୱଳ ହୋଇ ଗୋପାଳମାନେ ସଂକୀର୍ତ୍ତନରେ ବିଭୋର ହୋଇଥାନ୍ତି । ଆମ ରାଜ୍ୟର ବିଭିନ୍ନ ପ୍ରସିଦ୍ଧ ମେଳଣ ଭିତରେ କେନ୍ଦ୍ରାପଡ଼ା ପଞ୍ଚୁପାଣ୍ଡବ ସନ୍ନିକଟ ଓଳକଣା ମେଳଣ, ମୁନ୍‌ସୀ ମେଳଣ, ଆଳି ମେଳଣ ପ୍ରସିଦ୍ଧ । ଦୋଳ ପୂର୍ଣ୍ଣମୀ ପରେ ପରେ ଆନନ୍ଦ ଓ ରଙ୍ଗର ମହୋତ୍ସବ ହୋଲି ପଡୁଥିବାରୁ ଦୋଳଯାତ୍ରା ସହିତ ହୋଲିର ଗୁଢ଼ ସମ୍ପର୍କ ପ୍ରମାଣିତ ହୋଇଥାଏ । ବର୍ତ୍ତମାନର ବ୍ୟସ୍ତ ବହୁଳ ଜୀବନ ଭିତରେ କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳ ଏପରିକି ବିଦେଶରେ ମଧ୍ୟ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳଯାତ୍ରା ଅନୁଷ୍ଠିତ ହେଉଛି । ପ୍ରାୟତଃ ଇସ୍କନ ସଂସ୍ଥାର ଧର୍ମାବଲମ୍ବୀମାନେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ବିମାନରେ ପରିକ୍ରମା କରାଇଥାନ୍ତି । ଉତ୍ତରପ୍ରଦେଶର ମଥୁରା ସନ୍ନିକଟ ବୃନ୍ଦାବନରେ ଏହି ସମୟରେ ଭାରତ ସାରା କୃଷ୍ଣଭକ୍ତ ମାନଙ୍କ ବ୍ୟାପକ ସମାଗମ ହୋଇଥାଏ । ପୁରୀ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିରରେ ଦୋଳ ଉତ୍ସବ ପାଇଁ ସ୍ୱତନ୍ତ୍ର ପୂଜାରୀତି ରହିଥାଏ । ଏହି ଦିନ ଶ୍ରୀକୃଷ୍ଣ ସନ୍ଥମାନଙ୍କୁ ପାଳନ କରିବା ପାଇଁ ଦୁଷ୍ଟ ନିବାରଣ କରିଥିବା ଯୋଗୁଁ ହୋଲି ବା ଦୋଳ ଉତ୍ସବ ପାଳିତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଓଡ଼ିଶା ଓ ବଙ୍ଗଳାର ହିନ୍ଦୁ ଧର୍ମଗ୍ରନ୍ଥ ବିଶେଷତଃ ବୈଷ୍ଣବୀୟ ପୁରାଣମାନଙ୍କରୁ ଦେଖିବାକୁ ମିଳେ ଯେ ଶ୍ରୀକୃଷ୍ଣ ରାଧା ହିଁ ଦୋଳ ପର୍ବର ମୁଖ୍ୟ ଦେବାଦେବୀ । ତେବେ ଏ ସବୁ ଭିତରେ ଆଉ ଗୋଟିଏ ସତ୍ୟ ରହିଯାଇଛି ତାହାହେଉଛି ଏହି ପବିତ୍ର ସମୟରେ ଧରାପୃଷ୍ଠରେ ବସନ୍ତ ଋତୁର ଆଗମନ ହୋଇଥାଏ । ଏହି ସମୟଟି ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ଅତ୍ୟନ୍ତ ଉପାଦେୟ ବୋଲି ବର୍ଷ ବର୍ଷର ଲୋକବିଶ୍ୱାସ ରହିଛି । ରାଧାକୃଷ୍ଣଙ୍କ ଦୋଳ ଉତ୍ସବରେ ଗ୍ରାମ୍ୟ ଜୀବନ ଚଳଚଞ୍ଚଳ ହୋଇଯାଇଥାଏ । ବିଶେଷତଃ ଗାଁରେ ଥିବା ଜରାଜୀର୍ଣ୍ଣ ମଠ ଓ ଶ୍ରୀକୃଷ୍ଣଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାରୀତି ପାଇଁ ବୈଷ୍ଣବୀୟ ଭକ୍ତମାନେ ସାରା ବର୍ଷ ଚାତକ ପରି ଚାହିଁ ରହିଥାନ୍ତି । ଏହି ସମୟରେ ନୂଆ ନୂଆ କଅଁଳିଆ ଆମ୍ବ ହେଉଥିବାରୁ ମହାପ୍ରଭୁ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳବିମାନରେ ଭକ୍ତି ଅର୍ଘ୍ୟ ସ୍ୱରୂପ ଡାଳ ଲାଗିଥିବା ଆମ୍ବ ଝୁଲାଯାଇଥାଏ । ଗାଁରେ ଥିବା ଠାକୁର ବାଡ଼ିର ମଠ ମାନଙ୍କରେ ଦୋଳପାଇଁ ସ୍ୱତନ୍ତ୍ର ପୂଜାରୀତି ପ୍ରସ୍ତୁତ ହୋଇ ସମସ୍ତେ ଆନନ୍ଦରେ ମଜ୍ଜି ଯାଇଥାନ୍ତି । ଦୋଳ ବା ହୋଲି ସମସ୍ତଙ୍କ ଭିତରେ ମତପାର୍ଥକ୍ୟ ବୋଲି ପରସ୍ପର ହୃଦୟର ମିଳନର ଏକ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାଇଚାରା ଓ ବନ୍ଧୁତ୍ୱର ନିବିଡ଼ ବନ୍ଧନୀ ସମସ୍ତଙ୍କ ଭିତରେ ଭଲ ପାଇବାର ବାର୍ତ୍ତା ଜାଗରିତ କରି ସମସ୍ତଙ୍କ ଭିତରେ ମଣିଷ ପଣିଆ ପାଇଁ ଆଲୋକବର୍ତ୍ତିକା ସୃଷ୍ଟି କରିପାରିବା ହେଉଛି ପବିତ୍ର ଦୋଳ ଉତ୍ସବର ଅନ୍ତର୍ନିହିତ ତାତ୍ପର୍ଯ୍ୟ ।


*ସହ-ପ୍ରତିରକ୍ତିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*


# ପବିତ୍ର ହୋଲି



ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଆ ଜନଜୀବନରେ ବସନ୍ତ ଋତୁରେ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳଉତ୍ସବ ଓ ହୋଲି ପ୍ରତିଟି ଓଡ଼ିଆ ପାଇଁ ଅତ୍ୟନ୍ତ ଭାବପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ଗୀତ ଗୋବିନ୍ଦରେ ଉଲ୍ଲେଖ ରହିଛି - 'ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ' । ଲଳିତ ଲବଙ୍ଗ ଲତାକୁ ଛୁଇଁ ବହି ଆସୁଥିବା ମଳୟ ସମୀରଣର ତାନେ ତାନେ ଜୀବରୂପିଣୀ ଗୋପୀମାନେ ପରମାତ୍ମାଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ଲାଭକରି, ବୃନ୍ଦାବନରେ ଯେଉଁ ରାସଲୀଳା ଆରମ୍ଭ କରିଥିଲେ, ତାହା ହେଉଛି - ଦୋଳଯାତ୍ରା ବା ହୋଲି ପର୍ବର ମୂଳ ଉତ୍ସ । ଜନ ସମାଜର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସମସ୍ତ ସାଂସାରିକ ବାସ୍ନାରୁ ମୁକ୍ତ ହୋଇ, ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେ ସଙ୍ଗେ ରଙ୍ଗ ପିଚକାରୀ ଖେଳ ଆରମ୍ଭ କରିଥାନ୍ତି । ପ୍ରେମାନୁରାଗ ଭକ୍ତିର ଚରମ ସୋପାନରେ ଆସୀନା ଗୋପୀଗଣ ଶ୍ରୀକୃଷ୍ଣଙ୍କ ନବନୀରଦ ଶ୍ୟାମ ଶରୀରରେ; ଅବିର, ଅଗୁରରୁ ଚନ୍ଦନ ବୋଳି ମିଳନର ଆକୁଳତା ପ୍ରକାଶ କରନ୍ତି । ଭକ୍ତଗଣଙ୍କ କାନ୍ତଭାବାଶ୍ରିତ ଭକ୍ତିରେ ପ୍ରୀତ ପରମେଶ୍ୱର ଶ୍ରୀକୃଷ୍ଣ; ସେମାନଙ୍କ ସହିତ ପଦାତ୍ମ୍ୟଭାବ ପ୍ରକାଶ କରି, ଏକାକାର ହୋଇ ଯାଆନ୍ତି । ଏହା ହିଁ ହେଉଛି ହୋଲି ଖେଳର ଆତ୍ମିକ ଅଭିବ୍ୟକ୍ତି ।

ପବିତ୍ର ହୋଲି ଉତ୍ସବ ଓଡ଼ିଶାରେ ଫାଲଗୁନ୍ ମାସ ଶୁକ୍ଳପକ୍ଷ ଦଶମୀ ଦିନରୁ ଆରମ୍ଭ ହୋଇଥାଏ । ଏହି ଉତ୍ସବରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର 'ଚାଚେରୀ ବେଶ' ଅନୁଷ୍ଠିତ ହୋଇଥାଏ । ଦୋଳ ଉତ୍ସବ ଉପଲକ୍ଷେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ମଣ୍ଡପକୁ ବିଜେ କରନ୍ତି । ଦୋଳ ପୂର୍ଣ୍ଣିମାରେ ଶ୍ରୀ ମହାପ୍ରଭୁଙ୍କର ରାଜବେଶ ଅନୁଷ୍ଠିତ ହୋଇଛି । ଦୋଳ ଉତ୍ସବ ସମ୍ବନ୍ଧରେ ଅନେକ ଶାସ୍ତ୍ରୀୟ ମତ ରହିଛି । ସେଥିମଧ୍ୟରେ ପଦ୍ମ ପୁରାଣର ପାତାଳଖଣ୍ଡରେ ଉଲ୍ଲେଖ ରହିଛି - 'ବିଶେଷତଃ କଳିଯୁଗେ, ଦୋଳୋତ୍ସବ ବିଧୀୟତେ । ଫାଲଗୁନେ ଚ ଚତୁର୍ଦ୍ଦଶ୍ୟାମଷ୍ଟମେ ଯାମସଂଜ୍ଞକେ । ଅଥବା ପୌର୍ଣ୍ଣମାସ୍ୟାଂ ତୁ ପ୍ରତିପତ୍ ସନ୍ଧିମିଶ୍ରିତୌ । ପୂଜୟେଦ୍ ବିଧିବଦ୍ ଭକ୍ତ୍ୟା ଫଲଗୁଚୂର୍ଣ୍ଣେ ଷ୍ଟତୁର୍ବିଧୈଃ ।' ସ୍କନ୍ଦ ପୁରାଣର ବର୍ଣ୍ଣନାଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ଦୋଳଉତ୍ସବ ଦୋଳମଣ୍ଡପରେ ଅନୁଷ୍ଠିତ ହୋଇଥାଏ । ସେହିପରି ଗରୁଡ଼ ପୁରାଣ ଅନୁସାରେ, ହୋଲି ଉତ୍ସବ ଏକମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଦୋଳପୂର୍ଣ୍ଣିମାରେ ଶେଷ ହୁଏ । ଏହି ଉତ୍ସବରେ ଶ୍ରୀଜଗନ୍ନାଥଙ୍କୁ ଦୋଳ ବେଶରେ ସଜ୍ଜିତ କରାଇ, ଗୋପୀମାନେ ତାଙ୍କ ଉପରେ ନାନା ପ୍ରକାର ସୁଗନ୍ଧିତ ଚୂର୍ଣ୍ଣ ବର୍ଷଣ କରନ୍ତି । 'ଗୋପୀଭିର୍ଣ୍ଣୈବ ଗୋପାଳୈ ର୍ଲୀଳାନ୍ଦୋଳିକୟାନଗମ୍, ଚିନ୍ତୟିତ୍ୱା ଜଗନ୍ନାଥଂ ବିବିକେଦ୍ ଗନ୍ଧ ଚୂର୍ଣ୍ଣକୈ, ଦୋଳାରୂଢ଼ଂ ସମଭ୍ୟର୍ଚ୍ଚ୍ୟ ମାସମାନ୍ଦୋଳୟେତ୍ କଳୌ' ।

ଓଡ଼ିଆ ଜନଜୀବନରେ ହୋଲିର ସ୍ଥାନ ସ୍ୱତନ୍ତ୍ର । ଏହି ଦିନ ବନ୍ଧୁ ବନ୍ଧୁ, ଭାଇ ଭାଇ ଏପରିକି ସବୁକ୍ଷେତ୍ରରେ ସମସ୍ତେ ହୋଲିର ରଙ୍ଗ ଭିତରେ ନିଜ ଜୀବନକୁ ରଙ୍ଗାୟିତ କରିବା ପାଇଁ ଚେଷ୍ଟିତ ହୋଇଥାନ୍ତି । ଶ୍ରୀଚୈତନ୍ୟଦେବଙ୍କ ଜନ୍ମ ଦୋଳ ପୂର୍ଣ୍ଣିମାରେ ହୋଇଥିବାରୁ ଗୌଡ଼ୀୟ ମତାଲମ୍ବୀ ଭକ୍ତଗଣ ଏହି ଦିନଟିକୁ ମହୋତ୍ସବର ଦିନ ରୂପେ ପାଳନ କରିଥାନ୍ତି । ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ପରେ ପରେ ଓଡ଼ିଶାରେ ଶ୍ରୀରାଧାକୃଷ୍ଣ ପୂଜା ଉତ୍ସବ ପାଳନ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା । ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଦୋଳଯାତ୍ରା ବା ହୋଲି ଆରମ୍ଭ ହେଉଥିଲେ ହେଁ ଦୋଳପୂର୍ଣ୍ଣିମା ଦିନ ମେଳଣ ସମାପ୍ତ ହୋଇଥାଏ । ଉତ୍କଳୀୟ କବିମାନେ ବିଭିନ୍ନ ସମୟରେ ହୋଲି ଗୀତ ରଚନା କରିଛନ୍ତି । ବୈଷ୍ଣବ କବି ଗୋପାଳକୃଷ୍ଣଙ୍କ ମନମୁଗ୍ଧକର ହୋଲି ଗୀତଟି ହେଉଛି - 'ହୋରୀ ରଙ୍ଗେ ବିହରୀ, ହରି ସଙ୍ଗେ କିଶୋରୀ' । ପବନେ ଢ଼ଳି. ଚମ୍ପକବଲ୍ଲୀ ତମାଳେ ଢ଼ଳିଲାପରି । ପଶୁପୀବାଳା ଚପଳାମାଳା ଘନକୁ ଘେରିଲା ପରି ।। ହେମାବ୍‌ଜ ବନ ବୟସୀ ଜନ ମଧୁବ୍ରତ ଗିରିଧାରୀ । ପିଙ୍ଗୁ ଅବିର ବ୍ରଜସୁନ୍ଦର କଞ୍ଚୁଲୀ ଗଳି ବାହାରି ।। ଶ୍ରୀରାଧା ଫିଙ୍ଗୁ ମୋହନ ଜଗୁ ବାଜି ହୃଦରେ ସଞ୍ଚରି । ନଳଯନ୍ତର ଧରି ରତ୍ନର ବିଞ୍ଚନ୍ତି ପନୀର ବାରି ।। ଗୋପାଳକୃଷ୍ଣ ନୟନତୃଷ୍ଣ ହୋଇଲା ସେ ଶୋଭାସ୍ମରି ।।' ଦୋଳପୂର୍ଣ୍ଣିମା ପରେ ଅନେକ ସ୍ଥାନରେ ମେଳଣ ମହୋତ୍ସବ ପାଳିତ ହୁଏ ଏହାକୁ ଦଶ ଦୋଳ କୁହାଯାଏ । ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ । କର୍ମବ୍ୟସ୍ତ ତେଲଲୁଣର ସଂସାର ହେଉ ବା କର୍ମକ୍ଷେତ୍ରର ଗୁରୁଦାୟିତ୍ୱ ଭିତରେ ପ୍ରାୟତଃ ସମସ୍ତେ କିଛି ସମୟ କାଢ଼ି ଥାନ୍ତି ରଙ୍ଗ ଓ ଆନନ୍ଦର ମହାପାର୍ବଣ ହୋଲିରେ ନିଜକୁ ସାମିଲ କରିବାପାଇଁ । ସଂପ୍ରତି ମାନବୀୟ ମୂଲ୍ୟବୋଧ ଏକ ସନ୍ଧିକ୍ଷଣରେ ପହଞ୍ଚି ଥିବା ସମୟରେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ରଚନାଟି ମନେପଡ଼େ ସେହି ଯୁଗାବତାର କହିଥିଲେ - 'ହୋଲିର ପବିତ୍ର ରଙ୍ଗ ସମସ୍ତଙ୍କ ଜୀବନର ପବିତ୍ର ମୁହୂର୍ତ୍ତ ଓ ଦାୟିତ୍ୱବୋଧକୁ ରଙ୍ଗାୟିତ କରିପାରିଲେ ତାହାହିଁ ହେଉଛି ଯଥାର୍ଥ ପବିତ୍ର ହୋଲି ।' ପବିତ୍ର ହୋଲି ରଙ୍ଗ ଆନନ୍ଦର ପାର୍ବଣ ସମସ୍ତଙ୍କ ଭିତରେ ସେବା ଠାରୁ ସ୍ନେହଶ୍ରଦ୍ଧା ଓ ଭଲ ପାଇବା ଠାରୁ ସମାଜ ସେବାରେ ନିଜକୁ ବ୍ରତୀ ରଖିଲେ ହୋଲିର ଅନ୍ତର୍ନିହିତ ତାତ୍ପର୍ଯ୍ୟ ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ପ୍ରେରଣାପ୍ରଦାୟକ ହୋଇପାରିବ ଏହା ହିଁ ସମସ୍ତଙ୍କ ପାଇଁ କାମନା ।


*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର*
*ଭ୍ରାମ୍ୟଭାଷ : ୯୯୩୭୧୭୨୮୧୦*


# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୪୮

*"ଜନ୍ତୁପତି ଦେଖି ଆସନ ଉପେକ୍ଷି*
*କହନ୍ତି ତହୁଁ ରାଜାକୁ ।*
*ମହା ତପବଳେ ମୋର କାଳପାଶୁ*
*ଜିଣିଲୁ ଯେ ମରଣକୁ ।।"*

ବରୁଣପୁରରେ ସପତଦିବସ ରହି ଯୋଗୀଗୋବିନ୍ଦ ସିନ୍ଧୁତୀରକୁ ପ୍ରତ୍ୟାବର୍ତ୍ତନ କଲେ । ତହିଁପରେ ଇନ୍ଦ୍ରପୁରୀ ଦର୍ଶନ କରିବା ପାଇଁ ମନବଳାଇଲେ । ମନପବନ ମନ୍ତ୍ରବଳରେ ସ୍ୱର୍ଗପୁରରେ ଯାଇ ପହଞ୍ଚିଲେ । ସ୍ୱର୍ଗର ସୌନ୍ଦର୍ଯ୍ୟମାଧୁରୀ ଦେଖି ବିସ୍ମିତ ହୋଇପଡ଼ିଲେ । ସେ ଯେଉଁ ଦିଗକୁ ଦୃଷ୍ଟି ଦେଉଥିଲେ ଶାନ୍ତ ଗମ୍ଭୀର ପରିବେଶ । ଦେବଗଣ ନିରବରେ ନିଜ ନିଜକର୍ମରେ ବ୍ୟସ୍ତ ରହିଛନ୍ତି । ସେ ଧୀରଭାବରେ ପଦଚାରଣ କରି ଇନ୍ଦ୍ରପୁର ନିକଟରେ ଯାଇ ପହଞ୍ଚିଲେ । ଇନ୍ଦ୍ରଦେବ ଯୋଗୀଗୋବିନ୍ଦଙ୍କୁ ଦେଖି ଆନନ୍ଦ ଗଦଗଦ୍ ଚିତ୍ତରେ ଖଣ୍ଡେଦୂରରୁ ପାଛୋଟି ନେଲେ । ଦିବ୍ୟଆସନରେ ବସାଇ କହିଲେ- ରାଜପୁତ୍ର ହୋଇ କଷ୍ଟପଦ ସାଧନା ବଳରେ ତୁମେ ଅମରତ୍ୱଲାଭ କରିପାରିଲ । ମର୍ତ୍ତ୍ୟପୁରରେ ଜନ୍ମହୋଇ ମାନବ ଶରୀରରେ ସ୍ୱର୍ଗର ଆନନ୍ଦପ୍ରାପ୍ତ ହେଲ । ସାଧନା କାଳରେ ଯେଉଁ କଷ୍ଟସ୍ୱୀକାର କଲ ତାହାର ଫଳ କେତେ ମଧୁର ତାହା ଏବେ ବୁଝିପାରୁଥିବ । ଗୁରୁ ହାଡ଼ିପାଙ୍କ ସାନ୍ନିଧ୍ୟ ପାଇ ତୁମ ଅଙ୍ଗ ସିଦ୍ଧ ହୋଇଗଲା । ତିନିପୁରର ଦ୍ୱାର ତୁମ ପାଇଁ ଖୋଲା ରହିବ । ଯେଣେ ଇଚ୍ଛା ତେଣେ ଏକାକୀ ଭ୍ରମଣ କରିପାରିବ । ମହାମାୟାଙ୍କ ନିର୍ଦ୍ଦେଶରେ ଅମରପୁର ତୁମ ପାଇଁ ସଦାସର୍ବଦା ଖୋଲା ରହିଛି । ଏକ ଦିବ୍ୟଭୁବନ ସଂରକ୍ଷଣ ହୋଇ ରହିଛି । ତୁମେ ଯେତେବେଳେ ଇଚ୍ଛା କରିବ ସ୍ୱର୍ଗରେ ପହଞ୍ଚି ସେଇ ଦିବ୍ୟଭୁବନରେ ବାସ କରିପାରିବ । ସ୍ୱର୍ଗର ବିଧିବିଧାନ ଅନୁସାରେ ତୁମକୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି । ଏବେ ଐରାବତ ହସ୍ତୀ ତୁମକୁ ଅମରାବତୀରେ ପହଞ୍ଚାଇ ଦେବ । ତୁମେ ହସ୍ତୀପୃଷ୍ଠରେ ବିଜେକର । ଗୋବିନ୍ଦ ହସ୍ତୀପୃଷ୍ଠରେ ବସିବାକ୍ଷଣି ଐରାବତ ପବନବେଗରେ ଗତିକରି ସଂରକ୍ଷିତ ଭୁବନରେ ପହଞ୍ଚାଇ ଦେଲେ । ସେଇ ଦିବ୍ୟଭୁବନକୁ ଜଗି ରହିଥିବା ଦ୍ୱାରପାଳମାନେ ଗୋବିନ୍ଦଙ୍କୁ ସାଷ୍ଟାଙ୍ଗେ ପ୍ରଣାମ ଜଣାଇ ଭିତରପୁରକୁ ପାଛୋଟି ନେଲେ । ସେଇ ଭୁବନର ସୌନ୍ଦର୍ଯ୍ୟ ଦେଖି ଗୋବିନ୍ଦ ପରାମାନନ୍ଦରେ ଗୁରୁ ହାଡ଼ିପାଙ୍କୁ ହୃଦୟରୁ ପ୍ରଣାମ ଜଣାଇଲେ । ସପ୍ତମ ମହଲା ବିଶିଷ୍ଟ ଭୁବନରେ ହୀରା ନୀଳା, ସୁବର୍ଣ୍ଣ,ମାଣିକଆଦି ଅଷ୍ଟରତ୍ନ ଖଚିତ ହୋଇଥିଲା । ପ୍ରତ୍ୟେକ ମହଲରେ ଓଁ କାର ଧ୍ୱନି ଗୁଞ୍ଜରିତ ହେଉଥିଲା ! ସପ୍ତମ ମହଲାରେ ଖଞ୍ଜାଯାଇଛି ମନଦର୍ପଣ । ତପସ୍ୟା କାଳରେ ମନଦର୍ପଣ ସମ୍ମୁଖରେ ବସି ବ୍ରହ୍ମା, ବିଷ୍ଣୁ,ମହେଶ୍ୱର ସମେତେ ସର୍ବଦେବାଦେବୀଙ୍କୁ ଦର୍ଶନ କରିବା ସମ୍ଭବ ହେଉଥିଲା । ଯୋଗୀଗୋବିନ୍ଦ ସେଇ ମହଲରେ କିଛି ଦିବସ ଅତିବାହିତ କଲେ । ଇନ୍ଦ୍ରପୁରର କଳାସଂସ୍କୃତି,ଦିବ୍ୟସଙ୍ଗୀତରେ ମୁଗ୍ଧହୋଇ ଗୁଣୁଗୁଣୁ ସ୍ୱରରେ ବିଷ୍ଣୁପ୍ରିୟ ମନ୍ତ୍ର ଉଚ୍ଚାରଣ କରୁଥିଲେ । ଦେବତାଗଣ କେବେ ଭଗବାନଶ୍ରୀରାମଙ୍କ ଲୀଳା ଗାନ କରୁଥିଲେ ତ ପୁଣି କେବେ ଶ୍ରୀକୃଷ୍ଣଙ୍କ ଦିବ୍ୟଲୀଳାରେ ମଜ୍ଜି ଯାଉଥିଲେ । ମୃଦଙ୍ଗ,ବୀଣା, ଦୁନ୍ଦୁଭି ଆଦି ବାଦ୍ୟବଜାଇ ଗନ୍ଧର୍ବଗଣ ନାଚଗୀତରେ ମହାବିଷ୍ଣୁଙ୍କ ସୃଷ୍ଟିଲୀଳା ଗାୟନ କରୁଥିଲେ । କେତେ ଦିବସଧରି ସ୍ୱର୍ଗର ଆନନ୍ଦ ଉପଭୋଗ କରିବା ପରେ ଯୋଗୀଗୋବିନ୍ଦ ବ୍ରହ୍ମାଙ୍କ ଯଶୋବନ୍ତୀପୁରରେ ପହଞ୍ଚିଲେ । ବ୍ରହ୍ମାଙ୍କୁ ଦଣ୍ଡପ୍ରଣାମ ଜଣାଇ କହିଲେ ପିତାମହ, ତୁମ କରୁଣାରୁ ଏଇ ଅକିଞ୍ଚନ ମରଣପଥକୁ ଜିଣି ପାରିଛି । ତୁମେ ପଦ୍ମଯୋନି ସାକ୍ଷାତ ବିଷ୍ଣୁ ସଦୃଶ୍ୟ । ମାତୃଗର୍ଭରେ ରହି ତୁମେ ସର୍ବପ୍ରାଣୀଙ୍କର ଜନ୍ମଦାତା ବୋଲାଉଛ । ତୁମେ ଜଗତର ପ୍ରଜାପତି । ପ୍ରାଣୀଙ୍କୁ ରଙ୍ଗବେରଙ୍ଗରେ ସଜାଇ ବିଷ୍ଣୁକର୍ମରେ ନିୟୋଜିତ କରୁଥାଅ ! ଭକ୍ତଜନଙ୍କର ତୁମେ ପୂଜ୍ୟ,ନମସ୍ୟ । ମୋର କୋଟି ପ୍ରଣାମ ଘେନା କର ପିତୃଦେବ । ତୁମ ଦର୍ଶନ ଲାଭକରି କୃତାର୍ଥ ହେଲୁ ।

ପିତାମହ ବ୍ରହ୍ମାଙ୍କୁ ଦର୍ଶନକରି ଯୋଗୀଗୋବିନ୍ଦ ଯମାଳୟ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଯମପୁରରେ ପହଞ୍ଚିବାକ୍ଷଣି ଦୂତମାନେ ପଥରୋଧ କଲେ । ସଶରୀରରେ ଯମରାଜାଙ୍କ ଦରବାରକୁ କିଏ ଆସିଛନ୍ତି ବୁଝି ନ ପାରି ଚିତ୍ରଗୁପ୍ତଙ୍କୁ ସମ୍ବାଦ ଜଣାଇଲେ । ଚିତ୍ରଗୁପ୍ତ ଦ୍ୱାର ନିକଟରେ ପହଞ୍ଚି ରାଜାଗୋବିନ୍ଦଙ୍କୁ ଚିହ୍ନିପାରିଲେ । ଯାହାଙ୍କର ଆତ୍ମାକୁ ସ୍ୱୟଂଯମରାଜ ସାରାବ୍ରହ୍ମାଣ୍ଡ ଖୋଜି ପାଇ ନଥିଲେ,ସେଇ ଯୁବରାଜ ଯୋଗୀବେଶରେ ଆସିଛନ୍ତି ଜାଣିବା ପରେ ସେ ଧର୍ମଦେବଙ୍କୁ ଜଣାଇଲେ । ଚିତ୍ରଗୁପ୍ତଙ୍କ ମୁଖରୁ ଯୋଗୀଗୋବିନ୍ଦଙ୍କ ଉପସ୍ଥିତି ଖବର ଶୁଣିବାକ୍ଷଣି ଯମଦେବ ଆସନ ଉପେକ୍ଷି କଂସାର କବାଟ ପର୍ଯ୍ୟନ୍ତ ଚାଲିଆସିଲେ । ଗୋବିନ୍ଦ ଧର୍ମଦେବତାଙ୍କୁ ନିକଟରେ ଦେଖି ସାଷ୍ଟାଙ୍ଗେ ପ୍ରଣିପାତ କଲେ । ଯମଦେବ ସହାସ୍ୟ ବଦନରେ ଗୋବିନ୍ଦଙ୍କୁ ଦରବାର ପର୍ଯ୍ୟନ୍ତ ପାଛୋଟି ନେଇ ଅତିଥି ଆସନରେ ବସାଇଲେ । କହିଲେ ହେ'ରାଜାଗୋବିନ୍ଦ, ମହାତପ ବଳରେ ମୃତ୍ୟୁକୁ ଜିଣି ମାନବ ଶରୀରରେ ମୋର ଏଇ ଦଣ୍ଡ,ଦାନର ଆଳୟରେ ପହଞ୍ଚିପାରିଛ । ଗୁରୁ ହାଡ଼ିପାଙ୍କ କୃପାରୁ ଅସମ୍ଭବ ସମ୍ଭବ ହୋଇପାରିଛି । ତୁମେ ସିଦ୍ଧଯୋଗୀରେ ରୂପାନ୍ତରିତ ହୋଇ ଦିବ୍ୟଶରୀର ଧାରଣ କରିଛ । ଚିତ୍ରଗୁପ୍ତଙ୍କ ପାଞ୍ଜିରୁ ତୁମ ନାମ ଅନ୍ତର୍ହିତ ହୋଇଯାଇଛି । ଏବେ ଯମପୁରର ସମସ୍ତ କର୍ମଚାରୀ ତୁମ ଆତିଥେୟତାକୁ ସ୍ୱୀକାର କରୁଛନ୍ତି । ତୁମ ଆଗମନର ଇଚ୍ଛା ପ୍ରକାଶ କର । ତୁମେ ଯାହା ଚାହିବ କୌଣସି ଚିଜର ଅଭାବ ରହିବ ନାହିଁ । ଚିତ୍ରଗୁପ୍ତ କହିଲେ ଯୋଗୀରାଜ,ଗୁରୁଙ୍କ ଦିବ୍ୟବଳୟ ଭିତରେ ସାଧନା କରି ତୁମେ ମୃତ୍ୟୁମୁଖରୁ ବର୍ତ୍ତିଗଲ । ଏକବିଂଶ ବର୍ଷରେ ତୁମର ମୃତ୍ୟୁଯୋଗ ଥିଲା । ସେଇ କାଳରୁ ତୁମକୁ ଖୋଜା ଚାଲିଛି । ଦୂତମାନେ ତୁମକୁ ନ ପାଇ ବାରମ୍ବାର ଫେରୁଥିଲେ । ଗୁରୁ ହାଡ଼ିପା ତୁମକୁ ଯେପରି ଆବଦ୍ଧରେ ପାଳନ କରୁଥିଲେ ସ୍ୱୟଂ ଯମଦେବ ତୁମର ଅବସ୍ଥିତିକୁ ଜାଣି ପାରିଲେ ନାହିଁ । ପରବର୍ତ୍ତୀ କାଳରେ ଦୂତମାନେ ତୁମକୁ ସିନ୍ଧୁତୀରରେ ଠାବ କରିଥିଲେ । ସେତେବେଳକୁ ତୁମେ ମହାମାୟାଙ୍କ କରୁଣାପ୍ରାପ୍ତ ହୋଇଥିବାରୁ ତୁମ ଦିବ୍ୟଜ୍ୟୋତି ଦେଖି ଦୂତମାନେ ଫେରିଆସିଲେ । ଏହାପରେ ଆମର ଆଉ କିଛି କ୍ଷମତା ନ ଥିଲା । ଏବେ ତୁମ ଦିବ୍ୟାଙ୍ଗ ଦର୍ଶନକରି ଧନ୍ୟ ହେଲୁ । ଯମାଳୟର କାଳଚକ୍ରରୁ ତୁମେ ଦୂରେଇ ଯାଇଛ । ପ୍ରଣାମଘେନ ଯୋଗୀରାଜ । ଚିତ୍ରଗୁପ୍ତଙ୍କ ମୁଖରୁ ଅତୀତ ସମ୍ବାଦ ଶ୍ରବଣକରି ଗୋବିନ୍ଦ ଗୁରୁହାଡ଼ିପାଙ୍କୁ କୃତଜ୍ଞତା ଜଣାଇଲେ । ଯମଦେବଙ୍କୁ ଚାହିଁ କହିଲେ ହେ' ଧର୍ମରାଜ, ତୁମକୁ ଦର୍ଶନ କରିବା ଅଭିଳାଷରେ ତୁମପୁରକୁ ଆସିଥିଲୁ । କଲ୍ୟାଣ ଭିକ୍ଷା କରୁଛୁ, ବିଷ୍ଣୁଙ୍କ କଳ୍ପଅନ୍ତ ପର୍ଯ୍ୟନ୍ତ ଯେପରି ମତିଭ୍ରମ ନ ହୁଏ ସେଇ ଆଶୀର୍ବାଦ ଦେଲେ ଅବଶ୍ୟ କୃତାର୍ଥ ହେବୁ !

**ହରି ଓଁ ତତସତ୍ !**


*ଦୂରଭାଷ-୯୬୬୮୬୩୧୨୫୭*

# ହୋଲିର ରଙ୍ଗ

ମନୋଜ ମହାନ୍ତି



ହାରୁନ ମିଆଁର ଘର କହିଲେ, ଦି'ଟା ଟିଣ କବାଟ.... ଗୋଟେ ବାରଣ୍ଡା। ବାରଣ୍ଡାରେ ତା' ସ୍ତ୍ରୀ ବସି ନମାଜ ପଢେ। ତା'କୁ ନମାଜ ଜଣା ନାହିଁ... ଜାଣିବାକୁ ଚାହିଁ ନାହିଁ। ଫାତିମାକୁ କୋଡ଼ିଏ ବର୍ଷତଳେ ବାହା ହେଲା ବେଳକୁ ସେ ହିନ୍ଦୁ ଥିଲା। ଫାତିମା ବାପାର ଟାୟାର ଦୋକାନରେ କାମକୁ ଲାଗିଥିଲା। ସେଇଠି ଫାତିମା ସହ ଦେଖା ଚାହାଁ। ମନ ମିଶିଥିଲା... ଆଖିରେ ଆଖି। ମନେ ପଡୁଚି ସେତେବେଳେ ଆମ୍ବଗଛ ସବୁ ଫଗୁଣ ମନସ୍କ... ବୋଝ ବୋଝ ବଉଳ। ପଳାଶ ଗଛ ଲାଲ ଦିଶୁଥିଲା... ଫଗୁଣ ଆସିଥିଲା.... ଫଗୁପାଇଁ.... ଅବିରର ରଙ୍ଗରେ ରଙ୍ଗେଇ ହେବା ପାଇଁ। ହୋଲି ଦିନ ସେ ରଙ୍ଗ ନେଇ ଚାଲିଆସିଥିଲା ମୁସଲମାନ୍ ବସ୍ତିକୁ.... ଫାତିମା ଗାଲରେ ବୋଳି ଦେଇଥିଲା ପ୍ରେମର ରଂଗ... ଦୁଇ ଟିପା ଅବିର। କେଉଁ ଜାଣିଥିଲାକି ପ୍ରେମର ଆରପାଖ ରଙ୍ଗଟା ତାଜା ଲାଲ୍ ବୋଲି! କେହି ଜଣେ ଚଳାଇ ଦେଇଥିଲା ଭୁଜାଲି ତା' ବାଁ ପାଖ କାନ୍ଧରେ। ସେଇ ଦାଗଟା ଏବେ ବି ସିର୍‌ସିର୍ କରେ। ଆବ୍‌ବୁ ଜାନ୍ ବଞ୍ଚାଇ ଦେଇଥିଲା ତାକୁ। ନା'.... ତାକୁ ମାରନା... ସେ ଆମରି ଧର୍ମ ନେବ.... ଶାଦି କରିବ ଫାତିମାକୁ। ତାଜୁବ୍ ହୋଇ ଯାଇଥିଲା ରାମଚନ୍ଦ୍ର! ସେଦିନଠୁ ସେ ରାମଚନ୍ଦ୍ରରୁ ହାରୁନ୍ ହୋଇଗଲା.... ହାରୁନ୍ ମିଆଁ।

ଆବ୍‌ବୁ ଜାନ୍ ଗଲାଣି ଚାରିବର୍ଷ ତଳୁ। ଏବେବି ଟାୟାର ରିପ୍ୟାରିଂ ଦୋକାନଟା ସେମ୍ତି ଲେପ୍‌ଟେଇ ପଡ଼ିଚି ସହର ଭିତରେ। ଝିଅଟାଏ ବଡ଼ ହୋଇ ଗଲାଣି.... ଅଠର ବର୍ଷର। ତା' ମା' ପରି ଗୋରା ଆଉ ବଡ଼ ବଡ଼ ଦୁଇଟା ଟଣା ଟଣା ଆଖି। ମା' ପରି ନମାଜ୍ ପଢେ... ଖୁବ୍ ଭଲପାଏ ବାପାକୁ... ଜାନ୍ ଠୁ ବି! ବାପାର ସେହି ଖଣ୍ଡିଆ ଦାଗଥିବା ବାଁ ପାଖ କାନ୍ଧରେ ମୁଣ୍ଡରଖେ। ପଛକୁ.... ଖୁବ୍ ପଛକୁ ଫେରିଯାଏ ରାମଚନ୍ଦ୍ର ଓରଫ୍ ହାରୁନ୍! ଖଣ୍ଡିଆ ଦାଗଟାଏ ଯେ ଏତେ ମଧୁର ସ୍ମୃତି ହୋଇପାରେ ଭାବିପାରେ ନାହିଁ ହାରୁନ୍ ମିଆଁ!

ଆଜିବି ହୋଲିର ମାହୋଲ ସାରାଟା ସହର। ତା' ଗ୍ୟାରେଜ୍ ପାଖ ଆମ୍ବ ଗଛରେ ଗଛେ ବଉଳ। ଝିଅ ଠିଆ ହୋଇଚି ଗଛ ତଳେ.... କାହାକୁ ଯେମ୍ତି ଅପେକ୍ଷା କରିଚି! କାହାକୁ? ପାପ ଛୁଇଁଲା ହାରୁନ୍ ମିଆଁର ମନକୁ। ଯୁଆନ୍ ପିଲାଟାଏ ନୂଆ ସାଇକେଲ୍ ନେଇ ଚକ୍କର କାଟିଲାଣି ଦି' ଥର। ପାଚିଲା ଦାଢିରେ ହାତ ସାଉଁଳି ପରଖି ନେଲାଣି ଝିଅକୁ... ଝିଅର ମନକୁ! କେଉଁ ପଢିହୁଏ ଯେ ପ୍ରେମର ଭାଷାକୁ... ସମୁଦ୍ରଠୁ ବି ଗଭୀର ଲାଗେ! କେଉଁ ପରଖି ହୁଏ ଯେ ପ୍ରେମର ରଙ୍ଗକୁ... ରକ୍ତଠୁବି ଲାଲ୍ ଜଣା ପଡ଼େ! ପାନ ଚାରିଖଣ୍ଡ ନେବା ପାଇଁ ଚାଲିଗଲା ପାଖ କ୍ୟାବିନ୍ କୁ... ହଠାତ୍ ତା' ନଜର ପଡ଼ିଲା ସେଇ ପିଲାଟା ବୋଳି ଦେଇଗଲା ରଂଗ ଟିକେ ଝିଅର ଲାଜୁଆ ଗାଲରେ! ସେ ନିଆଁ ହୋଇଗଲା.... ପୁରା ଲାଲ୍ ଗୁର୍‌ଗୁର୍ ନିଆଁ। ପିଲାଟା ଚାଲିଯିବା ଆଗରୁ ସେ ଦୌଡ଼ି କବ୍‌ଜା କରିନେଲା ତାକୁ.... ତା' ସାଇକେଲ୍ କୁ। ଦୌଡ଼ି ଆସିଲେ ବି ବସ୍ତିର ଦୁଇ ଚାରିଜଣ ମୁସଲମାନ୍ ଲୋକ। ଶଙ୍କିଗଲା ହାରୁନ୍ ମିଆଁ.... ମନେ ପଡ଼ିଗଲା କାଇଁ ପୁରଣା କୋଡ଼ିଏ ବର୍ଷ ତଳର କଥା.... କାନ୍ଧ ପାଖ ସିର୍‌ସିରେଇ ଉଠିଲା। ନା'.... ଭାଗ୍ ତୁ ଏଠୁ ଭାଗ୍.... ମାରିଦେଇ ପାରନ୍ତି ସେମାନେ! ପିଲାଟା ଦୌଡ଼ିପାରିଲା ନାହିଁ। କେହିଜଣେ ଧକ୍କାଟାଏ ପକାଇଲା ତାକୁ, "ଶାଳା ବିଧର୍ମୀ"..... ଚାଖୁଟାଏ ଚାଲିଗଲା ପିଲାଟାର ବାଁ ପାଖ ଦେଇ। ମେଞ୍ଚାଏ ତାଜା ରକ୍ତ ବୋଳି ହୋଇଗଲା ହାରୁନ୍ ମିଆଁର ମୁହଁରେ। ଟାଣି ଆଣିଥିଲା ରିକ୍‌ସାଟାଏ ବସାଇ ଦେଇ ନିଜେ ଭିଡ଼ି ନେଇଥିଲା ଡାକ୍ତରଖାନା ପଟକୁ। କେତେଜଣ ହିନ୍ଦୁ ପାଟି କରୁଥିଲେ ମାର ଶଳା ବିଧର୍ମୀକୁ.... ଧର ଶଳାକୁ....! ବିଧର୍ମୀ ମାତ୍ର ଦୌଡୁଥିଲା ଧର୍ମରକ୍ଷା କରିବାକୁ.... ମାନବ ଧର୍ମ... ତଥାପି ଟପ୍‌ଟପ୍ ଥିପୁଥିଲା ରକ୍ତ ରାସ୍ତା ସାରା.... ବାଜା ବାଜୁଥିଲା.... ଅବିରର ରଙ୍ଗରେ ରଙ୍ଗେଇ ହେଉଥିଲା ସହର!

*ଜୁନାଗଡ଼, କଳାହାଣ୍ଡି-୭୬୬୦୧୪*
*ଦୂରଭାଷ : ୯୪୩୭୩୨୮୭୫୮*

# ଏବେ ମୁଁ



ଗଜାନନ ମିଶ୍ର

ଟ୍ରେନ୍‌ରେ ଏବେ ମୁଁ
ଆଉ ଏଇଟା ସଂଧ୍ୟା
ଅଧିକା ଆଉ ପଚାରନା
ପାରିବିନି କହି।

ଦେଖାଇ ମାଟି
ଅବଶ୍ୟ କହିବି
ଏଇଟା ଗାଁ।
ନାଇଁ ମୋର
ସେମିତି କିଛି ନାଁ।

ମୋ ମୁଣ୍ଡର
ଛୋଟ ଛୋଟ
କଳା ଧଳା ବଳ ଉପରେ
ଆଉଁସା ଦେଉଛି
ଅବଶ୍ୟ ପବନ
ମା' ଗଲା ପରେ।

ମୋର ସତକଥା ସବୁକୁ
ମିଛ ମଣିବାର
କାରଣ ନଥିଲେ ବି
ରଖୁଛ ସନ୍ଦେହ ଘେରରେ।
ଭଲ କି ଖରାପ
ଯଦିଓ କହୁନି ଏବେ।

*ତପୋବନ, ଟିଟିଲାଗଡ଼*
*ବଲାଙ୍ଗିର*



# ହୋଲିପର୍ବ



ମିନାକ୍ଷୀ ପଣ୍ଡା

ପୁତ୍ର ପ୍ରହଲ୍ଲାଦ ନିହତ ନିମିତ୍ତ ହିରଣ୍ୟକଶ୍ୟପ ରୋଷେ
ବାଳୁତକୁ କାଖେ ଧରି ଅଗ୍ନିମୁଖେ ଭଗିନୀ 'ହୋଲିକା' ପଶେ
ଭକ୍ତ ଉଦ୍ଧାରଣ କଲେ ନାରାୟଣ ରାକ୍ଷସୀ ମରେ ପାଉଁଶେ
'ହୋଲିକା ଦହନ' ନାମକୁ ବହନ କରି 'ହୋଲି' ପର୍ବ ଆସେ।

ଅସତ୍ୟ ବିଳୟ ସତ୍ୟର ବିଜୟ ହୋଲିପର୍ବ ବିଶେଷତ୍ୱ
ପୁରାଣେ ବର୍ଣ୍ଣିତ କାଳରୁ ପାଳିତ ସାରା ଭୂଖଣ୍ଡ ଭାରତ
ଶିଖ, ବୌଦ୍ଧ, ଜୈନ ହୋଇ ଏକମନ କରନ୍ତି ପର୍ବ ପାଳିତ
ଶତ୍ରୁ ହୁଏ ମିତ୍ର ପାଳନ୍ତି ଏକତ୍ର ବନ୍ଧୁତ୍ୱ ହୁଏ ବିଜିତ।

ଭରା ଯଉବନ ବସନ୍ତ ମଗନ ଅବିର ରଙ୍ଗ ପରଷେ
ଝୁଲଣର ଦୋଳି ରାଧା-କୃଷ୍ଣ କେଳି ମନ ବିଭୋର ହରଷେ
ସୁଖ, ଶାନ୍ତିରଙ୍ଗ ଲାଗୁ ପ୍ରତିଅଙ୍ଗ ଅଶାନ୍ତି ଯାଉ ବିନାଶେ
ବସନ୍ତର ରାସ ହେଉ ନିତ୍ୟରାସ ରାଧା-କୃଷ୍ଣ ଶୁଭାଶିଷେ।

'ହୋଲିକା ଦହନ' ହେଉ ସବୁଦିନ ଧର୍ମର ଉଡୁ କେତନ
ମଳିନ ମାନସ ପାଉ ସତ୍ତ୍ୱରସ ଜୀଉଁ 'ହୋଲି' ଚିରଦିନ।

**ପାରଳାଖେମୁଣ୍ଡି, ଗଜପତି**

# ଦେବଦାସୀ



ଖଗେଶ୍ୱର ମହାନ୍ତି

କଳା ଠାକୁର!
ତୁମକ ସବୁକିଛି ସମର୍ପି ଦେଲାପରେ
ମୋର ବୋଲି ଆଉ କ'ଣ ଥାଏ କି?
ଶ୍ରୀମନ୍ଦିର ଶୂନଶାନ ହେଲା ପରେ
ଦୁନିଆର ସବୁ କୋଳାହଳ ଥମିଗଲା ପରେ
ତୁମପାଇଁ ପାଦରେ ଘୁଙ୍ଗୁର ବାନ୍ଧି
ମଥାରେ ସିନ୍ଦୂର ପିନ୍ଧି
ଆଖିରେ କଜ୍ଜଳ ମାଖି
ପାଦରେ ଅଳତା ଥାପି
ଗଭାରେ ଗଜରା ଗୁନ୍ଥି
ଓଠରେ ଗୀତଗୋବିନ୍ଦ ଗାଇ
ଦେବଦାସୀ ମୁଁ ନାଚୁଥାଏ
ଭାବର ନାଟମଣ୍ଡପରୁ
ଭକ୍ତିର ରତ୍ନ ସିଂହାସନ
ଚେତନାର ଅଣସର ଘରୁ
ଚିନ୍ତନର ନବକଳେବର
ମୁକ୍ତିର ମହୋଦଧିରୁ
ମୋକ୍ଷର ବାଇଶି ପାହାଚ
ବିଶ୍ୱାସର କଳ୍ପବଟ ରୁ
ନିଃଶ୍ୱାସର ସ୍ୱର୍ଗଦ୍ୱାର
ଶବ୍ଦର ବଡ଼ଦାଣ୍ଡ ରୁ
ନିଃଶବ୍ଦ ର କୋଇଲି ବୈକୁଣ୍ଠ।

କଳା ଠାକୁର!
ତୁମେ ରଙ୍ଗ ଅଧରର ତ୍ରିଭଙ୍ଗୀ ଠାଣିରେ
ଥରୁଟିଏ ମୋ ଆଡ଼େ ଚାହିଁ ହସିଦେଲେ ନା?
ତୁମ ଛନ୍ଦା ପାଦରେ
ଆପେ ଆପେ ଲାଜରେ ଛନ୍ଦି ହୋଇଯାଏ
ମୋ ଅଧାଗୁନ୍ଥା ଗଭାର ଗଜରା
ତୁମ ନାଲି ଅଧର ରଙ୍ଗରେ ରଙ୍ଗେଇ ହୁଏ
ଅଧାଅଧା ନାଇଥିବା ମୋ ପାଦର ଅଳତା
ତୁମ ଦେହର ଚଉଷଠି କଳାରେ କଳା ହୋଇଯାଏ
ମୋ ଆଖିର ଅଧାପିନ୍ଧା କଜ୍ଜଳ କଳା।



କଳା ଠାକୁର!
ତୁମକୁ ଥରୁଟିଏ ଚାହିଁ ଭାବିଦେଲେ ନା?
ମୋ ଟୋପାଟୋପା ଆଖି ଲୁହର
ଶେଷ ଧୂପରେ
ଶେଷ ଆଳତିରେ
କାହିଁ କେମିତି ବତୁରିଯାଏ
ମୋ ଅନ୍ତରର ଯେତେସବୁ
ଅକୁହା ଅବ୍ୟକ୍ତ ଶେଷହୀନ ଶୂନ୍ୟତା
ଆତ୍ମା ପରମାତ୍ମା
ଇହକାଳ ପରକାଳ
ଭାବଭକ୍ତି ସମର୍ପଣ
ହୋମାଗ୍ନି ଚିତାଗ୍ନି
ଯେତେସବୁ ମରମ ବେଦନା।

*ଆସିଷ୍ଟାଣ୍ଟ ଷ୍ଟାଟିସ୍ଟିକାଲ୍ ଅଫିସର*
*ଜିଲ୍ଲା ଯୋଜନା ଓ ପ୍ରର୍ଯ୍ୟାଲୋଚନା*
*କାର୍ଯ୍ୟାଳୟ, କଟକ*
*ମୋ: ୯୯୩୭୫୧୭୦୫୨*








ପ୍ରାର୍ଥନା ଦାଶ
ଷ୍ଟାଣ୍ଡାର୍ଡ - ୬, ବିଜେଇଏମ୍ ସ୍କୁଲ-୧
ଭୁବନେଶ୍ୱର





ପାବନି ପଟେଲ
ଷ୍ଟାଣ୍ଡାର୍ଡ -୭, ବିମଳା କନଭେଣ୍ଟ୍ ସ୍କୁଲ, ଭବାନୀପାଟଣା

**ମୁଁ ଚମକି ପଡି ପଚାରିଲି, "ହାଁ !..ତୁ ଏ କ'ଣ କରିଦେଲୁ ?" ରାତିର ନିଃଶବ୍ଦତା ସାଙ୍ଗକୁ ମୋର ସ୍ୱର ଉଚ୍ଚ ହୋଇ ଉଠୁଥିବାରୁ ନମ୍ରତା ପାଟିରେ ଆଙ୍ଗୁଳି ରଖି ମୋତେ ଇସାରା କଲା ଚୁପ୍ ହୋଇଯିବା ପାଇଁ...**

# ମୁକ୍ତି

ମୂଳ ହିନ୍ଦୀ-ଭାରତୀ ଲୋଡାୟା



ଅନୁବାଦ-ମଧୁସ୍ମିତା ପଟ୍ଟନାୟକ

*(ପୂର୍ବ ପ୍ରକାଶ ଉତ୍ତାରୁ...)*

ମନ ଆଉ ମସ୍ତିଷ୍କ ମଧ୍ୟରେ ଜୋରଦାର୍ ସଂଘର୍ଷ ଆରମ୍ଭ ହୋଇଗଲା ଏ କଥାକୁ ନେଇ । ଶେଷରେ ମଣିଷପଣିଆ ଉପରେ ଆସୁରିକ ଭାବନା ତାର ପ୍ରାଧାନ୍ୟ ବିସ୍ତାର କରିସାରିଥାଏ । ଆଉ.. ତାର ପରିଣାମ ତୋ ସାମ୍ନାରେ .... ଏଭଳି ଅପ୍ରିୟ ସତ କଥା କହିଲା ବେଳେ କୈଣସି ପ୍ରକାରର ଛଳନାର ଭାବ ନଥିଲା ତାଠାରେ.. ନିର୍ବିକାର ଭାବମୂର୍ତ୍ତି .. 'ମୁଁ ହତବାକ ହୋଇ ପଡିଲି ଏକଥା ଶୁଣି । ଅନାୟସରେ ପାଟିରୁ ବାହାରି ପଡିଲା,ହା !'..ତୁ ଏ କଣ କରିଦେଲୁ ? ରାତିର ନିଃଶବ୍ଦତା ସାଙ୍ଗକୁ ମୋର ସ୍ୱର ଉଚ୍ଚ ହୋଇ ଉଠୁଥିବାରୁ ନମ୍ରତା ପାଟିରେ ଆଙ୍ଗୁଠି ରଖି ମୋତେ ଇଶାରା କଲା ଚୁପ୍ ହୋଇଯିବା ପାଇଁ । ବଡ କଷ୍ଟରେ ନିଜକୁ ସଂଯତ କରି ପଚାରିଲି, ତୁମେ ଦୁହେଁ ପରା ଲଭ୍‌ମ୍ୟାରେଜ୍ କରିଥିଲ ! ଆଉ ତୁ..ତୁ ଏତେ କଠୋର କେମିତି ହୋଇ ପାରିଲୁ ? ..ସେ ପୁଣି ନିଲେଶ ସହ ..! ତୋ ଭିତରର ମାନବିକତା ଆଉ ନୈତିକତା ମରିଯାଇଥିଲା କି ? ମୋର ଆଜି ବି ମନେ ଅଛି ସ୍କୁଲରେ ପଢିବା ସମୟର ଘଟଣା । ଭିକାରୁଣୀବୁଢୀର ଖଣ୍ଡିଆ ଠିକ୍ ହେବା ପର୍ଯ୍ୟନ୍ତ ତୁ କେମିତି ତାର ସେବା କରିଥିଲୁ । ପ୍ରତ୍ୟେକ ଦିନ ନିଜ ଟିଫିନ୍‌ର ଖାଇବା ତକ ତାକୁ ଦେଇ ଦେଉଥିଲୁ । ସେଇ ନମ୍ରତା ଆଜି ଏତେ ବଡ ଜଘନ୍ୟକାଣ୍ଡ କରିବସିଛି..ତାହା ପୁଣି ନିଜ ଜୀବନସାଥୀ ସହ !

ପ୍ରତିକ୍ଷଣରେ ମୋ ମୁହଁର ବଦଳୁଥିବା ଭାବକୁ ପଢି କହିଲା ,ଆଗ ମୋର ପୁରା କଥା ତ ଶୁଣ୍ । ତାପରେ ଯାଇ କହିବୁ ମୁଁ ଠିକ୍ କରିଛି କି ଭୁଲ୍ କରିଛି ? ଆମେ ଦୁହେଁ ନିଜ ନିଜ ଘରଲୋକଙ୍କ ଇଚ୍ଛା ବିରୁଦ୍ଧରେ ଲୁଚି କରି ବାହା ହୋଇଥିଲୁ ବୋଲି ତୁ ତ ଜାଣିଛୁ। ଖୁଡୀ ମଧ୍ୟ ଏ ବାହାଘର ସପକ୍ଷରେ ନଥିଲେ। ହେଲେ ବୟସରେ ମୋର ଏତେ ବୁଝିବା ଶକ୍ତି କେଉଁଠି ଥିଲା ଯେ ! ଖାଲି ତାଙ୍କର ଆକର୍ଷକ ବ୍ୟକ୍ତିତ୍ୱ ଦେଖି ମୁଁ ଆତ୍ମହରା ହେଇଯାଉଥିଲି । ପ୍ରଥମତଃ ତାଙ୍କର କଥା କହିବା ଶୈଳୀ ବହୁତ ପ୍ରଭାବିଶାଳୀ ହେବା ସାଙ୍ଗକୁ ଲୋକଙ୍କୁ ସହଜରେ ପଟେଇବାରେ ସେ ଥିଲେ ଧୁରନ୍ଧର । ଏଣେ ମୁଁ ତ ଥିଲି ଗୋଟେ ସାଦାସିଧା ଝିଅ ! ପ୍ରଥମେ ପ୍ରଥମେ ଶାଶୂଘର ଲୋକମାନେ ମତେ ସହଜରେ ଗ୍ରହଣ କରିନଥିଲେ । ଶାଶୁ ଚାହୁଁଥିଲେ ଅଧିକା ଯୌତୁକ ସାଙ୍ଗକୁ ଘର କାମଦାମରେ ନିପୁଣ ଥିବା ଝିଅଟେ । ହେଲେ ମୁଁ ଥିଲି ତା ବିପରୀତ । କାରଣ ମୁଁ ପୁରା



କରିପାରି ନଥିଲି ତାଙ୍କର ସେଇ ଇପ୍‌ସିତ ଇଚ୍ଛା ଓ ସ୍ୱପ୍ନକୁ । ଏଇ କଥାକୁ ନେଇ ସେ ଜୀବନଯାକ ଅସନ୍ତୁଷ୍ଟ ରହୁଥିଲେ। ବହୁତ ଚେଷ୍ଟା କରିଥିଲି ତାଙ୍କ ହୃଦୟରେ ମୋ ନିଜ ପାଇଁ ତିଆରି କରି ପାରିନଥିଲି ଏକ ସମ୍ମାନଜନକ ସ୍ଥାନ । ଖୁଡି ଠିକ୍ କହୁଥିଲେ ..ସେ ଜଣେ କଠୋର ହୃଦୟର ସ୍ତ୍ରୀଲୋକ ବୋଲି। ଘରର ଅନ୍ୟ ସଦସ୍ୟ ଯେପରିକି ଦେଢଶୁର,ବଡଯା,ନଣନ୍ଦ ସମସ୍ତଙ୍କ ପାଇଁ ମୁଁ ଥିଲି ରାସ୍ତାରୁ ଗୋଟା ହୋଇ ଆସିଥିବା ଗୋଟେ ଝିଅ । ମାଗଣାରେ ମିଳିଯାଇଥିଲା ଗୋଟେ ଚାକରାଣୀ । ଦିନଯାକ ଖାଲି କାମ..କାମ..ଆଉ କାମ । ଘର ଲିପା ପୋଛାଠୁ ଆରମ୍ଭ କରି ଗାଇ-ମଇଁଷିଙ୍କ କାମ..। ଯେଉଁ କାମ କେବେ କରିନଥିଲି ସେ କାମ ମଧ୍ୟ କଲି। ଏଠିକି ଆସି ଖୁସିହେବା ନାମକୁ ଭୁଲିଗଲି। ସତରେ,ସହରୀ ଜୀବନ ଆଉ ଗାଁ ଜୀବନ ଭିତରେ କେତେ ଅନ୍ତର ! ଏତେ ହଇରାଣ ହରକତ ହେବା ପରେ ସେସବୁକୁ ଭୁଲି ଯାଇଥିଲି ନିଲେଶଙ୍କ ପ୍ରେମରେ । ବଢୁଥିବା ସମୟ ସହ ବାପ ଘର ଲୋକମାନଙ୍କର ରାଗ ମଧ୍ୟ ଧୀରେ ଧୀରେ ଶାନ୍ତ ପଡିଲା । ଭାଇର ବାହାଘର ପରେ ଯିବା ଆସିବା ଆରମ୍ଭ ହୋଇଗଲା। ଅପୂର୍ବା ଆଉ ଅମେୟକୁ ନେଇ ମୁଁ ବ୍ୟସ୍ତ ରହିଲି । ନିଲେଶଙ୍କ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଦେଖା ଦେଉଥାଏ। ଚିଡଚିଡା ସ୍ୱଭାବର ହେଇଯାଉଥାନ୍ତି ସେ। ଆରମ୍ଭ ହେଇଗଲା ରାତିରେ ଡେରିରେ ଘରକୁ ଫେରିବା । କିଛି ପଚାରିଲେ କୈଣସି ବାହନା କରନ୍ତି ନ ହେଲେ ରାଗିଯାନ୍ତି । ଘରଲୋକ ତଥା ପିଲାମାନଙ୍କ ଆଗରେ ଏଇସବୁ ତାମସାରୁ ବଞ୍ଚିବା ପାଇଁ ଧିରେ ଧିରେ ସେସବୁ ପଚାରିବା ବନ୍ଦ କରିଦେଲି। ହେଲେ ଦିନେ ତାଙ୍କ ପକେଟ୍‌ରୁ ଗୋଟେ ଝିଅର ଚିଠି ଦେଖି ମୋ ମୁଣ୍ଡ ଘୂରେଇ ଦେଲା । ଏ ବିଷୟରେ ପଚାରିଲି ! ହେଲେ ସେତ ବାକ୍ ଚାତୁରୀରେ ନିପୁଣ ! ସେ ଚିଠି ଜଣେ ସାଙ୍ଗ ନିକଟରେ ପହଞ୍ଚେଇ ଦେବା ପାଇଁ ଆଣିଥିଲେ ହେଲେ ଭୁଲ୍‌ରେ ପକେଟରେ ରହିଯାଇଛି ବାଲି ବଡ ଚତୁରତାର ସହ କହି କଥାର ମୋଡ୍ ବଦଳେଇ ଦେଲେ ।

ସେ କିନ୍ତୁ ଏ ଘଟଣା ପରେ ସାବଧାନ ହୋଇଗଲେ । ସ୍ୱାମୀଙ୍କୁ ଶହେ ପ୍ରତିସତ ଠିକ୍ ବୋଲି ମାନୁଥିଲି ବୋଲି ଏ ଘଟଣାକୁ ଗମ୍ଭୀରତାର ସହ ନେଲିନି । ହେଲେ ଏ ଗାଁଟି କୋଉ ବଡ ଗାଁ ହେଇଛି ଯେ ଏମିତି କଥା ଲୁଚେଇଲେ ଲୁଚିବ। ଏ ଘଟଣା ପରେ ମୋ ପ୍ରତି ଲୋକମାନଙ୍କର ଦୃଷ୍ଟିକୋଣ ମଧ୍ୟ ବଦଳିଗଲା । ଘରର ସଦସ୍ୟମାନେ ମୋତେ ତିରସ୍କାର କରିବା ସହ ମୋର ପରାଜୟରେ ଅତି ପ୍ରସନ୍ନ ଥିଲେ । ସେମାନେ ମୋତେ ସହେଯାଗ କରିବା ଦୂରର କଥା ଓଲଟା ବିଦ୍ରୁପ କରିବାକୁ ଲାଗିଲେ । ମୋ'ଠି ବୋଧେ କିଛି ଦୋଷ ତୃଟି ଅଛି ଭାବି ରାତା ରାତି କାନ୍ଦିଛି । ପଡିଶାଘରର ମାଉସୀ ମୋର ଅବସ୍ଥା ଦେଖି ଦିନେ କହିଲେ, "ଆଲୋ ଝିଅ,ତୁ ନିଜକୁ ଦୋଷ ଦେବା ବନ୍ଦ କର । ଏଇ ନିଲେଶଟା ମୂଳରୁ ସେମିତି । କେତେ ଝିଅଙ୍କୁ ତା ରୂପର ଜାଲରେ ଆଗରୁ ଫସେଇଛି। ଚାକରାଣୀଠୁ ଆରମ୍ଭ କରି କ୍ଷେତରେ କାମ କରୁଥିବା ମୂଲିଆଣୀ ପର୍ଯ୍ୟନ୍ତ କାହାକୁ ସେ ଛାଡିନି । ତୋ ଭାଗ୍ୟ ଖରାପ ଯୋଗୁଁ ଏଭଳି ଲୋକ ସହ ଛନ୍ଦି ହେଇଛୁ ।" *(କ୍ରମଶଃ)*




# ଟିକଟ ମିଳିବା ବିଳମ୍ବ, ଆଶା ଓ ଆଶଙ୍କାରେ ପ୍ରାର୍ଥୀ

**ସୋନପୁର, (ସୁଶାନ୍ତ କୁମାର ସାହୁ) :** ସାଧାରଣ ନିର୍ବାଚନ ପାଇଁ ତାରିଖ ଧାର୍ଯ୍ୟ ହେଇ ସାରିବା ପରେ ଏବେ ନିର୍ବାଚନ ନେଇ କାଉଣ୍ଟ ଡାଉନ ଆରମ୍ଭ ହେଇଯାଇଛି । କିଏ କେଉଁ ଦଳରୁ ପ୍ରାର୍ଥୀ ହେବ ସେ ନେଇ ଚାଲିଛି କସରତ। ବିଶେଷ କରି ଶାସକ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଭୁବନେଶ୍ୱରରେ ଆଶାୟୀଙ୍କ ଭିଡ଼ ଲାଗି ରହିଛି। ଆଗାମୀ ୧୮ ତାରିଖ ଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେଉଥିବାରୁ ପ୍ରାର୍ଥୀମାନେ ଟିକଟ ହାସଲ ପାଇଁ କରୁଛନ୍ତି ଉଦ୍ୟମ। ଗତ ପଞ୍ଚାୟତ ନିର୍ବାଚନ ସମୟରେ ସଠିକ ପ୍ରାର୍ଥୀ ଚୟନ କରିବାରେ ବିଜୁ ଜନତା ଦଳ ବିଫଳ ହେବାରୁ ନିର୍ବାଚନ ଫଳାଫଳ ସରକାରୀ ଦଳ ବିରୁଦ୍ଧରେ ଯାଇଥିଲା। ଏପରିକି ସାଧାରଣ ନିର୍ବାଚନରେ ଏହା ଯେମିତି ଦୋହରା ନଯାଏ




ସେଥିପ୍ରତି ବିଜେଡି ସୁପ୍ରିମୋ ଗୁରୁତ୍ୱ ଦେଉଛନ୍ତି। ସଠିକ ଜନସମ୍ପର୍କ ଥିବା ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ସୁପ୍ରିମୋ ବିଭିନ୍ନ ସର୍ଭେ ଉପରେ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ପ୍ରାର୍ଥୀ ତାଲିକା ନେଇ ପ୍ରାର୍ଥୀମାନେ ଯେତିକି ଆତଙ୍କିତ ହେଉଛନ୍ତି ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ସମର୍ଥକଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବୃଦ୍ଧି ପାଉଛି। ବଲାଙ୍ଗିର ଲୋକସଭା କ୍ଷେତ୍ରରେ ସାତଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବର୍ତ୍ତମାନର ସାଂସଦ କଳିକେଶ ସିଂଦେଓ ୨୦୧୪ ନିର୍ବାଚନ ସମୟରେ ନିଜର ରାଜନୈତିକ ଅନୁଭୂତିରେ ଦଳୀୟ ପକେଟ ଭୋଟକୁ ପାଥେୟ କରି ନିର୍ବାଚନ ଜିତି ଥିଲେ । କିନ୍ତୁ ଦଳର ସୁପ୍ରିମୋ ଶ୍ରୀ ସିଂଦେଓଙ୍କୁ ପୁନଃ ସାଂସଦ ପ୍ରାର୍ଥୀ କରିବା ପାଇଁ ନିଷ୍ପତି ନେଇଥିବା ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ଅନ୍ୟପଟେ ଗତ କିଛି ମାସ ଧରି ଶ୍ରୀ ସିଂଦେଓ ନିଜ ନିର୍ବାଚନମଣ୍ଡଳୀରେ ଜନ ସମ୍ପର୍କ ପାଇଁ ରହିଥିବାରୁ ଅନ୍ୟ ୬ଟି ନିର୍ବାଚନମଣ୍ଡଳୀର ସଂଗଠନ ପ୍ରତି ଅଧିକ ଗୁରୁତ୍ୱ ଦେଇନଥିଲେ। ଯାହା ତାଙ୍କ ସାଂସଦ ପଦରେ ବିଜୟ ପଥରେ ପ୍ରତିବନ୍ଧକ ସାଜିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଅନ୍ୟ ପଟେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ମଧ୍ୟ ବିଜୁ ଜନତା ଦଳର ନିରଞ୍ଜନ ପୂଝାରୀଙ୍କୁ ପୁଣି ଥରେ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି । କିନ୍ତୁ ଏଠାରୁ କଂଗ୍ରେସ ଦଳ ତରଫରୁ ସର୍ବେଶ୍ୱର ପୁରୋହିତ, ଶଙ୍କର ଦାସ,ଓ ଚନ୍ଦ୍ରମଣି ତ୍ରିପାଠୀ, ଜିତେନ୍ଦ୍ର ପଟ୍ଟନାୟକ ମଧ୍ୟ ଆଶାୟୀ ପ୍ରାର୍ଥୀ ଭାବେ ଥିବାରୁ ଦଳରେ କିଏ ବିଧାନସଭା ପାଇଁ ପ୍ରାର୍ଥୀ ହେବେ ତାହା ଏଯାଏଁ ସ୍ପଷ୍ଟ ହୋଇନାହଁ । ସେହପରି ବିଜେପିରୁ ମଧ୍ୟ ପ୍ରମୋଦ କୁମାର ମହାପାତ୍ର, ବଳଦେବ ବେଦବାକ ଓ ଅଶୋକ ପୂଝାରୀ ଆଶାୟୀ ଥିବାବେଳେ ଦଳରୁ କିଏ ବିଧାନସଭା ପାଇଁ ପ୍ରାର୍ଥୀ ହେବେ ତାହା ମଧ୍ୟ ସ୍ପଷ୍ଟ ହୋଇନି। ତେବେ ଏଥର କିଏ ଗଡ୍ ଜିତିବ ତହାକୁ ନେଇ ଜନ ସାଧାରଣ ଆଶା ଓ ଆଶଙ୍କାରେ ଥିବା ଜଣାପଡିଛି।

## ଲେଖିବାରେ କେବେ ହାର ମାନି ନାହାନ୍ତି ବିନୟ ରଞ୍ଜନ



**ସୋନପୁର :** ଜନ୍ମ ସତ୍ୟ, ମୃତ୍ୟୁ ବି ଧ୍ରୁବ ସତ୍ୟ । ହେଲେ ଏହାରି ଭିତରେ କିଛି ଲୋକ ଜୀବନର ଭିଡ ଭିତରୁ ବାହାରି ଛିଡ଼ା ହୁଅନ୍ତି। ଜୀବନ ସହ ଜୁଝନ୍ତି। ବାରି ହେଇଯାଆନ୍ତି। ତାଙ୍କ କର୍ମ ହିଁ ଅନ୍ୟମାନଙ୍କ ପାଇଁ ପ୍ରେରଣା। ଟଙ୍କା କେବଳ ଜୀବନର ମାପଦଣ୍ଡ ହୋଇ ରହେ ନାହିଁ। ମୁହଁରେ ରଙ୍ଗ ମାଖନ୍ତି, ଅଭିନୟ କରନ୍ତି। ଗୀତର ତାଳେ ତାଳେ ଝୁମନ୍ତି ବି ମତୁଆଲା ହୋଇ। ଆଉ ରଙ୍ଗ,କାଗଜ,କଲମର କଥା ପଡିଲେ ସେମାନେ କାଗଜରେ ଆଙ୍କି ଦିଅନ୍ତି ତାଙ୍କ ଶ୍ରେଷ୍ଠତ୍ୱ। ଦୁଃଖ ଓ ସୁଖର ଫେଣ୍ଟାଫେଣ୍ଟି ଜୀବନକୁ ଉପଭୋଗ କରନ୍ତି କଳାକାର ଭାବେ। ସେ ସାହିତ୍ୟ ହେଉ କି ସାମ୍ବାଦିକତା ସବୁଥିରେ ମାହିର। ଏମିତି କିଛି ଲୋକଙ୍କ କାହାଣୀକୁ ନେଇ ଆମର ଉପସ୍ଥାପନା ଜୀବନ ଏକ ନାଟକ... । 'ସେ ସନ୍ଧ୍ୟା ସମୟର ସାହିତ୍ୟ ଆଲୋଚନା ହେଉ କି ସହର ବାହାରୁ କବିତା ପାଠ ପାଇଁ ବି ଯଦି ଖବର ଆସେ ତେବ ସେଠି ନିଶ୍ଚିତ ଭାବେ ପାଠ କରନ୍ତି ନିଜର କବିତା । କବିତା ଆବୃତି ଦେଖିଲେ ସହି ପାରେନି ରହିଯାଏ ସେଠି ବୋଲି ସେ କହନ୍ତି। ତାକୁ ମନର ଭରସା, କାଗଜ, କଲମରର ଦମ୍ ଓ ହୃଦୟର ତାଳେ ତାଳେ ଆବୃତି କରନ୍ତି। ବୟସର ଅପରାହ୍ନରେ ବି ସେ ବେଶ ଚଳଚଞ୍ଚଳ। ଏମିତି କିଛି କଥାରୁ ଆରମ୍ଭ ହୋଇଥିଲା ଜୀବନ ଗୀତ। ଜୀବନର ନାଟକକୁ ବଖାଣୁଥିବା ବେଳେ ସେ କେତେବେଳେ ହୋଇପଡୁଥିଲେ ଭାବୁକ ତ କେତେବେଳେ ବୟସର ଜୁଆରରେ ସେ ଯେମିତି ଉତଙ୍ଗ। ସେ ହେଉଛନ୍ତି ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପଧାନ। ସୋନପୁର ବଡବଜାରରେ ଜନ୍ମ। ୧୯୪୫ରେ ସ୍ୱର୍ଗତଃ ଲୋକନାଥ ପଧାନ ଓ କୈଶଲ୍ୟା ଦେବୀଙ୍କ ପୁତ୍ର। ବର୍ତ୍ତମାନ ବୟସ ୭୩। ଶିକ୍ଷାଗତ ଯୋଗ୍ୟତା କହିଲେ ୭ମ ଶ୍ରେଣୀ ପାସ୍। ଶ୍ରୀ ପଧାନ ସାମ୍ବାଦିକତା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତି। ଅଜସ୍ର ଗଳ୍ପ କବିତା ଲେଖି ସେ ରାଜ୍ୟର ବହୁ ଅନୁଷ୍ଠାନରୁ ସମ୍ମାନିତ ହୋଇପାରିଛନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିଲେ ବି ଅନେକ ଦିନରୁ ସାମ୍ବାଦିକତା କରିବ ସହ ଗଳ୍ପ ଓ କବିତା ଲେଖିବାରେ କେବେ ହେଲେ ହାର ମାନି ନାହାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁ ଦଳରେ ...

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନୂଆ ମୁହଁକୁ ଅଧିକ ଗୁରୁତ୍ୱ ଦେଉଥିବା କଥା ଚର୍ଚ୍ଚାରେ ରହିଛି। ଏଥିରେ ଜିତିବାର ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକଟ ମିଳିବ ବୋଲି ଶୁଣାଯାଉଛି। ଅନ୍ୟ ଦଳ ଅପେକ୍ଷା ବିଜେଡି ଟିକଟ ପାଇବା ପାଇଁ ନବୀନ ନିବାସରେ ପୁରୁଣା ଓ ନୂଆ ନେତାଙ୍କ ଭିଡ ଜମିଥିଲା ବେଳେ ବାସ୍ତବ ଟିକଟ କାହାକୁ ମିଳିବ ତାହା ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଏଥର ବିଜେଡି ନିଜ ଦଳର ବହୁ ପୁରୁଣା ନେତାଙ୍କୁ ଦଳୀୟ ଟିକଟରୁ ବଞ୍ଚିତ କରିବ। ବିଜେଡି ଟିକଟ ଆଶାୟୀ ନେତାମାନେ ଟିକଟରୁ ବଞ୍ଚିତ ହେଲେ ସେମାନଙ୍କ ଥଇଥାନ ପାଇଁ ବିଜେଡି ସବୁ ପ୍ରକାର ଉଦ୍ୟମ କରୁଥିବା ଶୁଣାଯାଉଥିଲେ ବି ଅସନ୍ତୁଷ୍ଟ ନେତାମାନେ ନିର୍ବାଚନରେ କେଉଁ ଭୂମିକା ଗ୍ରହଣ କରିବେ ତାହା ସନ୍ଦେହ ଘେରରେ। କାରଣ ଯେଉଁମାନେ ଦୀର୍ଘବର୍ଷ ଧରି ବିଜେଡି ପାଇଁ କାମ କରି ଆସୁଛନ୍ତି ଶେଷ ମୁହୂର୍ତ୍ତରେ ସେମାନଙ୍କୁ ଦଳୀୟ ଟିକଟରୁ ବଞ୍ଚିତ କରାଗଲେ ସେମାନେ ଉପାୟ ଶୂନ୍ୟ ହୋଇ ଅବା ବିରକ୍ତ ହୋଇ ଅନ୍ୟ ରାଜନୈତିକ ଦଳକୁ ସମର୍ଥନ କରିବାର ଆଶଙ୍କା ରହିଛି। ତେଣୁ ଆଗାମୀ ସାଧାରଣ ନିର୍ବାଚନ ଅଧିକରୁ ଅଧିକ ଦ୍ୱନ୍ଦ୍ୱାତ୍ମକ ଏବଂ ରୋଚକ ସ୍ଥିତି ଆଡକୁ ଗତି କରୁଥିଲା ବେଳେ ବହୁ ନେତା ଦଳୀୟ ଟିକଟ ପାଇବାର ଦୃଢ଼ ଆଶା ବାନ୍ଧିଛନ୍ତି। ଦୀର୍ଘବର୍ଷ ଧରି ଓଡ଼ିଶାର ଶାସନ କ୍ଷମତାରେ ଥିବା ବିଜେଡି ନିଜର ସ୍ଥିତି ମଜଭୁତ ଥିବା କହୁଥିଲେ ବି ଭିତରେ ଭିତରେ ଦଳୀୟ ଅସନ୍ତୋଷକୁ ନେଇ ନୂଆ ନୂଆ ଅଙ୍କକଷା ହେଉଥିବାର ସୂଚନା ମଧ୍ୟ ମିଳୁଛି। ବିଜେପି ନେତୃତ୍ୱ କିନ୍ତୁ ଓଡ଼ିଶାରେ ଚଳିତ ନିର୍ବାଚନରେ ଯଥେଷ୍ଟ ସଫଳତା ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି। ଏ କ୍ଷେତ୍ରରେ କଂଗ୍ରେସ ପଛୁଆ ରହିଥିଲେ ବି ଭଲ କରିବ ବୋଲି ମଧ୍ୟ ଦଳ ଆଶା ବାନ୍ଧିଛି। ଏଭଳି ପରିସ୍ଥିତିରେ ଭୋଟରମାନେ ନବୀନଙ୍କ ବିକାଶ ବନାମ ମୋଦିଙ୍କ ବିକାଶ ଓ ରାହୁଲଙ୍କ ନୂଆ ନୂଆ ପ୍ରତିଶ୍ରୁତି କାହାକୁ ଅଧିକ ଗୁରୁତ୍ୱ ଦେବେ ତାହା ସମୟ କହିବ। କିନ୍ତୁ ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ବିଜେଡି ଆଗରେ ଥିଲେ ବି ପୂର୍ବ ଭଳି ଦମ୍ଭ ଦେଖାଇ ପାରୁନଥିବା ଆଲୋଚନା ହେଉଛି। କାରଣ ଏହି ଦଳର ଟିକଟ ଆଶାୟୀଙ୍କ ସଂଖ୍ୟା ଏତେ ଅଧିକ ଯେ ସୁପ୍ରିମୋ କାହାକୁ ଖୁସି କରିବେ ଓ କାହାକୁ ନିରାଶ କରିବେ ତାହା ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନର ନିର୍ବାଚନ ହାୱା ଅନୁସାରେ ଦେଖିବାକୁ ଗଲେ ବିଜେପି ଯେ ଆଗାମୀ ଦିନରେ ଓଡ଼ିଶାରେ ଭଲ ରେଜଲ୍ଟ କରିବ ତାହା ଅସ୍ୱୀକାର କରିହେବନି। ତେଣୁ ଶେଷ ପର୍ଯ୍ୟନ୍ତ ଟିକଟ ବଣ୍ଟନ ଉପରେ ଭୋଟରଙ୍କ ନଜର ରହିଛି। ଟିକଟ ଘୋଷଣା ପରେ କେଉଁ ନେତା କେଉଁ ନିର୍ବାଚନ ମଣ୍ଡଳୀ ପାଇଁ ଉପଯୁକ୍ତ ସାବ୍ୟସ୍ତ ହେବେ ତାହା ନିର୍ଣ୍ଣୟ କରିବେ ଭୋଟର।

### ରାହୁଲଙ୍କ ପ୍ରତିଶ୍ରୁତି ...

ଓଡ଼ିଶାର ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ନରେନ୍ଦ୍ର ମୋଦି ତାଙ୍କ ଭାଷଣରେ କୃଷକଙ୍କ କଥା କହୁଛନ୍ତି। ଅଥଚ ସେ କୃଷକଙ୍କ ପାଇଁ କିଛି କରିନାହାନ୍ତି, ବରଂ ଦେଶର ୧୫-୨୦ ଜଣ ସବୁଠାରୁ ଧନୀ ବ୍ୟକ୍ତିଙ୍କର ୩.୫ ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଛନ୍ତି। କଂଗ୍ରେସ ଛତିଶଗଡ, ରାଜସ୍ଥାନ, ମଧ୍ୟପ୍ରଦେଶରେ ନିର୍ବାଚନ ପୂର୍ବରୁ କୃଷିଋଣ ଛାଡ, ଧାନର ସହାୟକ ମୂଲ୍ୟ ବୃଦ୍ଧି ଏବଂ ଆଦିବାସୀ, କୃଷକଙ୍କ ଜମି ଅଧିକାରକୁ ସୁରକ୍ଷିତ ରଖିବାର ତିନିଟି ପ୍ରତିଶ୍ରୁତି ଦେଇଥିଲା ଏବଂ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଛି। ଅଥଚ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭା ଏବଂ ରାଜ୍ୟସଭାରେ ତିନିଥର ଜମି ଅଧିଗ୍ରହଣ ବିଲ୍‌କୁ ରଦ୍ଦ କରିବା ଏବଂ ସେଥିରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଛନ୍ତି। ରାହୁଲ କହିଥିଲେ, କଂଗ୍ରେସ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମାକରିବା ଏବଂ ବର୍ଷକୁ ୨ କୋଟି ନିଯୁକ୍ତି ଦେବାର ମିଛ ପ୍ରତିଶ୍ରୁତି ଦେବନାହିଁ। ଏହା ଯାହା କହିବ, ତାହାକୁ କାର୍ଯ୍ୟକାରୀ କରିବ। ସେ କହିଲେ, ମୋଦି ନିଜକୁ ଦେଶର ଚୌକିଦାର ବୋଲି କହୁଛନ୍ତି। କିନ୍ତୁ ରାଫେଲ ଚୁକ୍ତିରେ ସେ ବିରାଟ ଦୁର୍ନୀତି କରିଛନ୍ତି। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଖରାପ ସ୍ଥିତିରେ ରହିଥିବାବେଳେ ନବୀନ ପଟ୍ଟନାୟକ ଏବଂ ନରେନ୍ଦ୍ର ମୋଦି ଏହି ଦୁଇ କ୍ଷେତ୍ରର ଘରୋଇକରଣକୁ ପ୍ରୋତ୍ସାହିତ କରୁଥିବା ରାହୁଲ ଅଭିଯୋଗ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ସର୍ବନିମ୍ନ ଖର୍ଚ୍ଚରେ ଉଚ୍ଚଶିକ୍ଷା ସହିତ ସ୍ୱାସ୍ଥ୍ୟ ଅଧିକାର ପ୍ରଦାନ କରାଯିବ। ଓଡ଼ିଶାକୁ ୫/୬ ଜଣ ଅଫିସର ଚଳାଉଥିବାବେଳେ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରିମୋଟ କଂଟ୍ରୋଲରେ ପରିଚାଳିତ ହେଉଛନ୍ତି। ଗବର ସିଂ ଟ୍ୟାକ୍ସ (ଜିଏସ୍‌ଟି) କାର୍ଯ୍ୟକାରୀ କରି ମୋଦି ସରକାର କୋଟିକୋଟି ଲୋକଙ୍କର ଦାନାପାଣି ଛଡାଇନେଲେ। କଂଗ୍ରେସ କ୍ଷମତାକୁ ଆସିଲେ ତାହାକୁ ପ୍ରକୃତ ଜିଏସଟିରେ ପରିଣତ କରିବ। ଓଡ଼ିଶାରେ ୫ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି ଏବଂ ୫୦ ହଜାର କୋଟି ଟଙ୍କାର ଖଣି ଦୁର୍ନୀତି ସମ୍ପର୍କରେ ସେ କହିଲେ ଯେ କଂଗ୍ରେସ ସରକାର ଗଠନକଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଲେ ରାଜ୍ୟ ମୁଖ୍ୟମନ୍ତ୍ରୀ ଗତ ୧୮ ବର୍ଷ ମଧ୍ୟରେ ଚାଷୀଙ୍କ ପାଇଁ ଟଙ୍କାଟିଏ ଦେଇନାହାନ୍ତି। ଅଥଚ ନିର୍ବାଚନ ପୂର୍ବରୁ ଚାଷୀଙ୍କ ନାଁରେ 'କାଳିଆ' ଯୋଜନା କରି ଲୋକଙ୍କ ଆକାଉଣ୍ଟକୁ ଟଙ୍କା ପଠାଉଛନ୍ତି। ବରଗଡ ଅଂଚଳରେ ୪୧ଜଣ ଚାଷୀ ଆତ୍ମହତ୍ୟା କରିଥିବା ସେ ପ୍ରକାଶ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କ ଋଣଛାଡ ସହିତ ସେମାନଙ୍କୁ ସୌରଶକ୍ତିଚାଳିତ ପମ୍ପସେଟ୍ ପ୍ରଦାନ ଏବଂ ପାଂଚବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯିବ ବୋଲି ନିରଂଜନ କହିଥିଲେ। ରାଜ୍ୟରେ ଶୀତଳଭଣ୍ଡାର ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ସହିତ ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ରାହୁଲ ଗାନ୍ଧୀ ପ୍ରତିଶ୍ରୁତି ଦେଇଥିବା ସେ କହିଥିଲେ। ଏଥିସହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫାଇନାନ୍ସ କମିଶନ ଏବଂ ବେକାର ଯୁବଗୋଷ୍ଠୀଙ୍କ ପାଇଁ ମାସିକ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ଦିଆଯିବା ସହିତ ବରଗଡ ଅଂଚଳରେ ସୁପର ସ୍ପେଶାଲିଟି କ୍ୟାନସର ଚିକିତ୍ସା ହସପିଟାଲ ସ୍ଥାପନ କରାଯିବ ବୋଲି ନିରଂଜନ କହିଥିଲେ। ସଂକଳ୍ପ ସମାବେଶରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ୱାଘଲେ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ଓଡ଼ିଶା ବିଧାନସଭାରେ ବିରୋଧୀଦଳ ନେତା ନରସିଂହ ମିଶ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପିସିସିର ପୂର୍ବତନ ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା,ଦଳର ବରିଷ୍ଠ ନେତା ସନ୍ତୋଷସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ ଏବଂ ବରଗଡ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ସ୍ୱାଗତଭାଷଣ ଦେଇଥିଲେ।

### ୩୧ ସୁଦ୍ଧା ସବୁ ଜିଲ୍ଲାରେ ...

ଶିକ୍ଷାବିତ୍‌ମାନେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୯ ଲକ୍ଷ ୭୨ ହଜାର ୮୭୦। ଏହି ତାଲିକାରେ ସରକାରୀ ସ୍କୁଲର ପିଲାଙ୍କ ସହିତ ଇଂରାଜୀ ମାଧ୍ୟମ ଓ ଘରୋଇ ସ୍କୁଲର ପିଲାଙ୍କ ତାଲିକା ମଧ୍ୟ ରହିଛି। ଗତ କିଛିବର୍ଷ ହେବ କେଉଁ ସ୍କୁଲରେ କେତେ ଅର୍ଥାତ କେବଳ ସରକାରୀ ସ୍କୁଲରେ କେତେ ପିଲା ଏବଂ ଅନ୍ୟ ଘରୋଇ ସ୍କୁଲରେ କେତେ ପିଲା ପଢୁଛନ୍ତି ତା'ର କୌଣସି ହିସାବ ବିଭାଗ ପାଖରେ ନଥିଲା। ଫଳରେ ଦୀର୍ଘବର୍ଷ ହେବ ରାଜ୍ୟରେ ମାଗଣା ପାଠ୍ୟପୁସ୍ତକ ବାଟମାରଣା ହେବା ସହ କୋଟିକୋଟି ଟଙ୍କା ହଡ଼ପ ହେଉଥିବା ଅଭିଯୋଗ ହେଉଥିଲା। ମାତ୍ର ଆଧାରଲିଙ୍କ୍ ପରେ କେଉଁ ସ୍କୁଲରେ କେତେ ପିଲା ସେ ସମ୍ପର୍କରେ ସଠିକ ତଥ୍ୟ ସରକାରଙ୍କ ପାଖରେ ପହଞ୍ଚିଛି। ଏପରିକି ଆଧାରଲିଙ୍କ୍ ପ୍ରକ୍ରିୟା ପରେ ସରକାରୀ ସ୍କୁଲରେ ପୂର୍ବରୁ ଯେତିକି ଛାତ୍ରଛାତ୍ରୀ ଦର୍ଶାଯାଇଥିଲା ସେଥିରୁ ୧୦ ଲକ୍ଷ ପିଲା କମ୍ ଥିବା ଜଣାପଡ଼ିଛି। ଫଳରେ ସେହି ୧୦ ଲକ୍ଷ ଭୂତ ପିଲାଙ୍କ ଲାଗି ମାଗଣା ପାଠ୍ୟପୁସ୍ତକ ବାଟମାରଣା ହେଉଥିବା ଜଣାପଡ଼ିଛି। ତେବେ କିଛି ଘରୋଇ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ସରକାରୀ ସ୍କୁଲର ପାଠ୍ୟପୁସ୍ତକ ଠାରୁ ଭିନ୍ନ। ମାତ୍ର ଏହି ସ୍କୁଲରେ କିଛି ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ସରକାରୀ ସ୍କୁଲର କୋର୍ସ ସହିତ ସାମଞ୍ଜସ୍ୟ ରହିଛି। ତେଣୁ ସେହି ପୁସ୍ତକଗୁଡ଼ିକ ୨୦୧୯-୨୦ ଶିକ୍ଷାବର୍ଷରେ ପିଲାଙ୍କୁ ଯୋଗାଇଦିଆଯିବ। ପୂର୍ବରୁ କେବଳ ସରକାରୀ ସ୍କୁଲକୁ ମାଗଣା ପାଠ୍ୟପୁସ୍ତକ ଦିଆଯାଉଥିବାରୁ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପିଲାମାନେ ସାମଞ୍ଜସ୍ୟ ଥିବା ପୁସ୍ତକ ପାଇ ପାରୁ ନଥିଲେ। ତେବେ ଚଳିତବର୍ଷ ଠାରୁ ଅଧା ଦାମ୍‌ରେ ଘରୋଇ ସ୍କୁଲଗୁଡ଼ିକରେ ସରକାରୀ ପୁସ୍ତକ ଦିଆଯିବ। ଏନେଇ ଜିଲ୍ଲାୱାରୀ ବିଭିନ୍ନ ପୁସ୍ତକ ବିତରଣ କେନ୍ଦ୍ର ଚୟନ କରାଯିବ। ଜିଲ୍ଲାୱାରୀ ଘରୋଇ ସ୍କୁଲଗୁଡ଼ିକରେ କେତେ ପିଲା ପଢୁଛନ୍ତି ତା'ର ରିପୋର୍ଟ ମେ' ଶେଷ ସୁଦ୍ଧା ଜିଲ୍ଲାଶିକ୍ଷା ଅଧିକାରୀ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଦାଖଲ କରିବେ। ଫଳରେ କେଉଁ ଜିଲ୍ଲାକୁ କେତେ ସେଟ୍ ପୁସ୍ତକ ଦିଆଯିବ ତା'ର ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ଘରୋଇ ସ୍କୁଲଗୁଡ଼ିକର ପ୍ରଧାନଶିକ୍ଷକ ବା ପ୍ରଧାନଚାର୍ଯ୍ୟ ନିଜେ ପୁସ୍ତକ ବିତରଣ କେନ୍ଦ୍ରରୁ ସେମାନଙ୍କ ପିଲାଙ୍କ ସଂଖ୍ୟା ଅନୁଯାୟୀ ବହି ସେଟ୍ ସଂଗ୍ରହ କରିବେ। ଘରୋଇ ସ୍କୁଲଗୁଡ଼ିକ ଲାଗି ପ୍ରାୟ ୮ ଲକ୍ଷରୁ ଅଧିକ ସେଟ୍ ବହି ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ବହି ସେଟ୍‌ର ଦାମ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ କେତେ ଦାମର ବହି ଘରୋଇ ସ୍କୁଲଗୁଡ଼ିକୁ ଦିଆଯିବ ତାହା ଜଣାପଡ଼ିନି।

### ୧୦୨ କୋଟିର ବଜେଟ୍ ...

କ୍ଷେତ୍ରରୁ ୧୫କୋଟି ଟଙ୍କା ଆୟ ହୋଇଛି। ଜମି ବିକ୍ରି ପ୍ରକ୍ରିୟା ପ୍ରଣାଳୀ ଅଧିକ ଜଟିଳ ହୋଇଥିବାରୁ ସେଥିପାଇଁ ଅଧିକ ସମୟ ଲାଗୁଛି। ଭାରତବର୍ଷରେ ଥିବା ବିଭିନ୍ନ ମନ୍ଦିରର ଆୟ ମୁଖ୍ୟତଃ ଦାନ ସୂତ୍ରରୁ ଆସୁଥିବାବେଳେ ଶ୍ରୀମନ୍ଦିରର ଦାନସୂତ୍ରରୁ ମାତ୍ର ୪କୋଟି ଆୟ ମିଳୁଛି। ଦାନସୂତ୍ରର ଆୟବୃଦ୍ଧି ପାଇଁ ଅନେକ ବ୍ୟବସ୍ଥା କରାଯିବ। ଗତବର୍ଷ କର୍ପୋସ ଫଣ୍ଡରୁ ଆୟ ବର୍ତ୍ତମାନ ସୁଦ୍ଧା ୬୫୦ କୋଟି ରହିଥିବାବେଳେ ଆହୁରି ୫୦କୋଟି ଟଙ୍କା ବଢାଇବା ପାଇଁ ବ୍ୟବସ୍ଥା କରାଯିବ। ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବା ପରେ ପରିଚାଳନା କମିଟିରେ ତାହା ଅନୁମୋଦନ କରାଯାଇଛି। ସେବକଙ୍କ ପ୍ରାପ୍ୟ ପାଉଣା, କର୍ମଚାରୀଙ୍କ ଦରମା ଓ ପ୍ରଚାର ପ୍ରସାର ପାଇଁ ଅଧିକ ଖର୍ଚ୍ଚ ହେଉଛି। ସେବକ କଲ୍ୟାଣ ପାଣ୍ଠି ପାଇଁ ୫କୋଟି ଟଙ୍କା ରଖାଯାଇଛି। ଶ୍ରୀଜଗନ୍ନାଥ ବଲ୍ଲଭ ଓ ମାଳତୀପାଟପୁର ନିକଟରେ ଯାତ୍ରୀ ବିଶ୍ରାମଗାର ପାଇଁ ୫୬ କୋଟି ଟଙ୍କା ନାଲକୋ ଖର୍ଚ୍ଚ କରିବ। ଆଦର୍ଶ ଗୁରୁକୁଳ ପାଇଁ ସାଢେ ୩ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ରହିଛି। ଜଣେ ଉଦ୍ୟୋକ୍ତା ଅଧିକ ବ୍ୟୟକରି ଏହି ଆଦର୍ଶ ଗୁରୁକୁଳର ନିର୍ମାଣ କରିବା ପାଇଁ ଯୋଜନା ରହିଛି। ରାଜସ୍ୱ ଅଟକଳ କମିଲେ କିମ୍ବା ବଢିଲେ ବଜେଟରେ ସେତେଟା ଫରକ ପଡିବ ନାହିଁ ଏବଂ କ୍ୟାପିଟାଲ ଖର୍ଚ୍ଚ ନିର୍ଦ୍ଦିଷ୍ଟ ସମୟ ଭିତରେ କରାନଗଲେ ତାହାର ପ୍ରଭାବ ବଜେଟ ଉପରେ ପଡିବ। ଶ୍ରୀମନ୍ଦିରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପାଇଁ ୩୮କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେବକମାନଙ୍କ କଲ୍ୟାଣ ପାଇଁ ୩୨କୋଟି ଟଙ୍କା ଶ୍ରୀମନ୍ଦିର ପ୍ରଶାସନ ଖର୍ଚ୍ଚ କରୁଛି। ଶ୍ରୀମନ୍ଦିର କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୨୮କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହି ଟଙ୍କା ରାଜ୍ୟ ସରକାର ବହନ କରିବା ପାଇଁ ପ୍ରସ୍ତାବ ରହିଛି। ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟକୁ ସଠିକ୍ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଭୋର ସାଢେ ୩ଟାରୁ ଦ୍ୱାର ଫିଟାଯାଇ ବିଭିନ୍ନ ନୀତି ସମ୍ପାଦନ କରାଯାଉଛି। ରଥଯାତ୍ରା ଖର୍ଚ୍ଚପାଇଁ ଏବର୍ଷ ୬କୋଟି ଟଙ୍କା ଅଟକଳ କରାଯାଇଛି। ନବକଳେବର ସମୟରେ ଚନ୍ଦନକାଠ ଅଣାଯାଇଥିଲା। ତାହା ଏବେ ଶେଷ ହୋଇଗଲାଣି। ଏବର୍ଷ ୧୫ କ୍ୱିଣ୍ଟାଲ ଚନ୍ଦନକାଠ ଆଣିବା ପାଇଁ ଦେଢକୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରତିବର୍ଷ ସେବକମାନଙ୍କର ପ୍ରାପ୍ୟ ପାଉଣା ୧୦ ପ୍ରତିଶନ ବୃଦ୍ଧି କରାଯାଉଛି। ଯାହା ୫ବର୍ଷରେ ଦୁଇଗୁଣିତ ହେଉଛି। ମହାରଣା ସେବକମାନଙ୍କ ପାଇଁ କାର୍ଯ୍ୟର ଆବଶ୍ୟକତା ଅନୁଯାୟୀ ବ୍ୟୟବରାଦ ହେବ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଜ୍ୟୋତିପ୍ରକାଶ ଦାସ, ଏସପି ଡ଼ଃ. ଉମାଶଙ୍କର ଦାଶ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ବିଜେଡିରେ ପ୍ରଥମେ ...

ଉପସ୍ଥିତ ରହିଥିଲେ। ସୂଚନାଥାଉ କି, ଗତ କିଛିଦିନ ତଳେ ସମସ୍ତ ନିର୍ବାଚିତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଏକ ମନ୍ଦିର ପ୍ରାଙ୍ଗଣରେ ସାମ୍ବାଦିକ ସମ୍ମିଳନୀ ଡକାଇ ଶଶୀ ସାହୁଙ୍କର ବିଜେଡିରେ ମିଶ୍ରଣକୁ ତୀବ୍ର ବିରୋଧ କରିଥିଲେ। କିନ୍ତୁ ଜିଲ୍ଲା ସଭାପତି ଶ୍ରୀ ଜେନା ଅତ୍ୟନ୍ତ ଚତୁରତାର ସହିତ ସିମୁଳିଆର ବିଧାୟକମାନଙ୍କୁ ମନାଇ ମିଶ୍ରଣ ପର୍ବରେ ସମସ୍ତେ ଏକ ଅଛନ୍ତି ବୋଲି ଦେଖାଇ ପାରିଥିଲେ। ଶଶୀ ଗତ ନିର୍ବାଚନରେ ବିଜେପି ଟିକଟରେ ଲଢ଼ି ୨୮ ହଜାର ଭୋଟ ପାଇ ପରାଜୟବରଣ କରି ତୃତୀୟ ସ୍ଥାନରେ ଏଠାରେ ଥିଲେ। ବିଜେଡି ଟିକଟରେ ସିମୁଳିଆରୁ ଲଢୁଥିବା ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୬୫ ହଜାର ଭୋଟ ପାଇ କଂଗ୍ରେସ ନେତା ପଦ୍ମଲୋଚନ ପଣ୍ଡାଙ୍କୁ ପ୍ରାୟ ୭ ହଜାର ଭୋଟରେ ହରାଇ ବିଜୟ ଲାଭ କରିଥିଲେ। ତେଣୁ ସେ ଏଥର ବିଜେଡି ଟିକଟ ପାଇଁ ହକ୍‌ଦାର ଥିଲେ। ଏହି ମିଶ୍ରଣ ପର୍ବରେ ଶଶୀ ନିଜର ଦମ ଦେଖାଇ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ପ୍ରଥମରୁ ପ୍ରାୟ ୩୦ ହଜାର କର୍ମୀ ଯୋଗଦେବାର ଦାବି କରୁଥିଲେ କିନ୍ତୁ ପ୍ରଚଣ୍ଡ ଖରା ସତ୍ତ୍ୱେ ରେମୁଣା, ସୋର, ନିଳଗିରି ଅଞ୍ଚଳର ଏବଂ ଖଇରିଆ ସିମୁଳିଆର ବିଜେଡି କର୍ମୀ ଶଶୀଙ୍କ ସହ ଉପସ୍ଥିତ ଥିଲେ। ଏକ ରାଲିରେ କର୍ମୀମାନଙ୍କ ଗହଣରେ ଗନ୍ଧିବେଡ ବଜାରଠାରୁ କୁପାରି ପର୍ଯ୍ୟନ୍ତ ରାଲି କରି ପହଞ୍ଚିବାରେ ବିଳମ୍ବ ହୋଇଥିଲା। ବିଧାୟକ ଜ୍ୟୋତି ପ୍ରକାଶ ଉତ୍ତରୀୟ ଦେଇ ଶଶୀଙ୍କୁ ଆଲିଙ୍ଗନ କରି ନିଜର ଭାଷଣ ଆରମ୍ଭ କରିଥିଲେ। ତାଙ୍କ ଭାଷଣରେ ସେ ପରୋକ୍ଷରେ ସୋର ଏବଂ ପାଖ ନିର୍ବାଚନ ମଣ୍ଡଳୀରୁ ଆସିଥିବା ବିଜେଡି କର୍ମୀଙ୍କୁ ଧନ୍ୟବାଦ ମଧ୍ୟ ଦେଇଥିଲେ। ସେ କହିଥିଲେ ଯାହା ଆଜିକା ମିଶ୍ରଣ ପର୍ବକୁ କିଛି ବୁଦ୍ଧିଜୀବୀ କଟାକ୍ଷ କରୁଛନ୍ତି। ହେଲେ ସାଂସଦ ରବିନ୍ଦ୍ର ବିଧାୟକଙ୍କୁ ମନାଇ ଶଶୀଙ୍କୁ ଟିକଟ ଦେବାର ସମସ୍ତ ପ୍ରକାର ବାଟ ଫିଟାଇଛନ୍ତି ବୋଲି ଶଶୀଙ୍କ ସମର୍ଥକମାନେ ଦୃଢ଼ତା ପ୍ରକାଶ କରିଛନ୍ତି। ରାଜ୍ୟ ଏବଂ ଜିଲ୍ଲା ବିଜେଡି ପଦାଧିକାରୀଙ୍କୁ ବିରୋଧ କରିବା ଜ୍ୟୋତିଙ୍କ ପାଇଁ କାଳ ହେଲା ବୋଲି ସମସ୍ତେ କୁହାକୁହି ହେଉଛନ୍ତି। କିଛିଦିନ ତଳେ ବାଲେଶ୍ୱର ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେପି ମହିଳା ମୋର୍ଚ୍ଚା ଉପସଭାପତି ସୁଷମା ବିଶ୍ୱାଳ ମଧ୍ୟ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ସୁଷମା ଗତ ୨୦୧୪ ନିର୍ବାଚନରେ ବିଜେପି ଟକଟରେ ନୀଳଗିରି ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ପ୍ରାୟ ୩୭ ହଜାର ଭୋଟ ପାଇଥିଲେ ସୁଦ୍ଧା ପରାଜୟ ବରଣ କରିଥିଲେ। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ବିଜେପିର ଦୁଇ ଅସନ୍ତୁଷ୍ଟ ନେତାଙ୍କୁ ବିଜେଡିରେ ମିଶାଇ ସାଂସଦ ତଥା ଜିଲ୍ଲା ସଭାପତି ଶ୍ରୀ ଜେନା ବିଜେପିକୁ ବଡ ଝଟ୍‌କା ଦେଇଥିବା ସବୁଠି ଚର୍ଚ୍ଚା ଜୋର ଧରିଛି।

## ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ସୀତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧି

**ଭୁବନେଶ୍ୱର :** ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ଓ ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ସୀତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ଶ୍ରୀ ସୀତାଂଶୁ କରଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୧ରେ ଶେଷ ହେବାର ଥିଲା। କ୍ୟାବିନେଟ ଶ୍ରୀ କରଙ୍କ କାର୍ଯ୍ୟକାଳ ଆଉ ୬ ମାସ ବୃଦ୍ଧି କରିଛନ୍ତି। ୩୫ ବର୍ଷର ଦୀର୍ଘ କାର୍ଯ୍ୟକାଳରେ ଶ୍ରୀ କର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ଗଣମାଧ୍ୟମ ୟୁନିଟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ (ମସୁରୀ)ରୁ ଫାଉଂଡେସନ କୋର୍ସ ଏବଂ ନୂଆଦିଲ୍ଲୀର ଭାରତୀୟ ଜନ ସଂଚାର ସଂସ୍ଥାନରୁ ଓରିଏଂଟେସନ କୋର୍ସ ଶେଷ କରିବା ପରେ ଶ୍ରୀ କର ଅଲ ଇଣ୍ଡିଆ ରେଡିଓର ନ୍ୟୁଜ ସର୍ଭିସ ଡିଭିଜନରେ କିଛିଦିନ କାର୍ଯ୍ୟ କରିଥିଲେ। ଏହାପରେ ସେ ଦୂରଦର୍ଶନରେ ଯୋଗଦେଇ ଦୀର୍ଘ ୧୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୨୦୦୩ରେ ଶ୍ରୀ କର ପତ୍ର ସୂଚନା କାର୍ଯ୍ୟାଳୟରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ପ୍ରଚାର ଓ ପ୍ରସାର ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଛନ୍ତି। ୨୦୦୫ରେ ସେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରମୁଖ ମୁଖପାତ୍ର ରହିଥିଲେ। ୨୦୧୫ ଡିସେମ୍ବରରେ ତାଙ୍କୁ ଅଲ ଇଣ୍ଡିଆ ରେଡିଓର ନ୍ୟୁଜ ସର୍ଭିସ ଡିଭିଜନର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା।

## ସିଆରପିଏଫ୍ ଅଷ୍ଟମ ବାଟାଲିୟନର ଜନସମ୍ପର୍କ ଶିବିର

**ରାୟଗଡ଼ା :** କେନ୍ଦ୍ରୀୟ ସୁରକ୍ଷା ବଳ ଅଷ୍ଟମ ବାଟାଲିୟନର ହନୁମନ୍ତପୁର ରାଇବିଜି କ୍ୟାମ୍ପ ତରଫରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ହନୁମନ୍ତପୁର ପଞ୍ଚାୟତ ଓ ଗୁଡୁବାଲି ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଏଠାରେ ମାଗଣାରେ ବିହନ ଓ କୀଟନାଶକ ଔଷଧ ବିତରଣ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭୁପେନ୍ଦ୍ର ସିଂ ହୁଡା ରାମାବତାର ଭଲଟିଆ ସେକେଣ୍ଡଇନ୍ କମାଣ୍ଡାଣ୍ଟ ସିଆରପିଏଫ୍ ଅଷ୍ଟମ ବାଟାଲିୟନ ଓ ହନୁମନ୍ତପୁର ସରପଞ୍ଚ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରୀ ଭଲଟିଆ ନିଜ ମନ୍ତବ୍ୟରେ କହିଥିଲେ ଯେ, ସ୍ଥାନୀୟ ଜନସାଧାରଣ ଏଭଳି ଜନସମ୍ପର୍କ ଶିବିରରେ ଯୋଗଦେବା ଦ୍ୱାରା ଯବାନଙ୍କ ନିକଟତର ହୋଇପାରିବେ। ଜନସାଧାରଣ ସହଯୋଗ କଲେ ଏହି ଅଞ୍ଚଳରେ ମାଓବାଦୀ ହିଂସା କମିପାରିବ। ତେଣୁ ଯବାନମାନଙ୍କ ସହିତ ସ୍ଥାନୀୟ ଜନସାଧାରଣଙ୍କ ଭଲ ସମ୍ପର୍କ ରହିଲେ ମାଓହିଂସାକୁ ରୋକାଯାଇପାରିବ। ତେଣୁ ଏ କ୍ଷେତ୍ରରେ ସହଯୋଗ ପାଇଁ ବାଟାଲିୟନ ତରଫରୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା।

## ବିଜେପି ଛାଡି ଘର ବାହୁଡିଲେ ଜ୍ୟୋତି ମିତ୍ର

**ଖୋର୍ଦ୍ଧା :** ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିଜେପିର ବରିଷ୍ଠ ନେତା ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଶେଷରେ ବିଜେଡ଼ିରେ ଯୋଗ ଦେଇଛନ୍ତି। ନବୀନ ନିବାସ ଯାଇ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜୁ ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି, ବିଭୂତି ଭୂଷଣ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡ଼ିରେ ସାମିଲ ହୋଇଥିଲେ। ଫଳରେ ଖୋର୍ଦ୍ଧାରେ ଦେଖିବାକୁ ମିଳିଲା ନୂତନ ରାଜନୈତିକ ସମ୍ମିକରଣ। ଶ୍ରୀ ମିତ୍ର ବିଜେଡ଼ିରେ ଯୋଗଦାନ କରିବା ଫଳରେ ଦଳକୁ ଶକ୍ତିଶାଳୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ୨୦୦୦ ମସିହାରେ ଶ୍ରୀ ମିତ୍ର ସ୍ୱାଧୀନ ପ୍ରାର୍ଥୀଭାବରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତାକରି ନିର୍ବାଚିତ ହୋଇଥିଲେ। ୨୦୦୪ ମସିହାରେ ଶ୍ରୀ ମିତ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ଟିକେଟ୍‌ରୁ ନିର୍ବାଚନ ଲଢି ବିଜୟୀ ଘୋଷିତ ହୋଇଥିଲେ। ୨୦୧୪ ନିର୍ବାଚନ ବେଳେ ସେ ବିଜେପିରେ ଯୋଗ ଦେବା ସହ ଖୋର୍ଦ୍ଧାରୁ ପାର୍ଥୀ ହୋଇଥିଲେ। ବିଜେଡ଼ି ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁଙ୍କ ଠାରୁ ସ୍ୱଳ୍ପ ଭୋଟ୍ ବ୍ୟବଧାନରେ ପରାଜୟ ବରଣ କରିଥିଲେ। ପୁଣି ଜିତୁ ମିତ୍ର ଦଳକୁ ଫେରିବା ପରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ କାହାକୁ ଟିକେଟ୍ ମିଳିବ ତାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଖୋର୍ଦ୍ଧାର ବର୍ତ୍ତମାନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ଖୋର୍ଦ୍ଧା ପରିବର୍ତ୍ତେ ବୋଲଗଡ଼, ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢିବା ପାଇଁ ପରୋକ୍ଷରେ ସୂଚନା ମିଳିଥିବା ବେଳେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବରେ ଆଶାୟୀ ଥିବା ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ଡ଼ଃ.ପ୍ରସନ୍ନ କୁମାର ପାଟ୍ଟଶାଣୀ, ବାସନ୍ତି ମହାପାତ୍ରଙ୍କ ନାମ ଶୁଣିବାକୁ ମିଳୁଛି। ବିଜେଡ଼ି ଦଳ ଖୋର୍ଦ୍ଧାରେ ଶକ୍ତିଶାଳୀ ହୋଇ ପଡ଼ିଥିବା ବେଳେ ବିଜେପି ଖୋର୍ଦ୍ଧାରେ ଆଜି ମୁରବୀ ବିହିନ ହୋଇ ପଡ଼ିଛି। ଫଳରେ ବିଜେପି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବରେ ଆଶାୟୀ ଥିବା କାଳୁ ଚରଣ ଖଣ୍ଡାୟତରାୟଙ୍କର ପଥ ପରିଷ୍କାର ହୋଇଛି। ଏବଂ ବିଜେପି ଦଳ ପକ୍ଷରୁ ଖୋର୍ଦ୍ଧା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହେବା ସୁନିଶ୍ଚିତ ଜଣାପଡ଼ିଛି। ବାକି ରହିଲା ସାଧାରଣ ଜନତା ତଥା ଭୋଟରଙ୍କ ନିଷ୍ପତ୍ତି। ତାହା ଆଗାମୀ ନିର୍ବାଚନ ପାଇଁ ଧାର୍ଯ୍ୟ ହୋଇଥିବା ଏପ୍ରିଲ ମାସ ୨୩ ତାରିଖରେ ଜଣାପଡ଼ିବ କିଏ ହେବ ଖୋର୍ଦ୍ଧାର ବିଧାୟକ ?

## ବିପର୍ଯ୍ୟସ୍ତ ହୋଇପଡିଛି ପରିମଳ ବ୍ୟବସ୍ଥା

**ଖୋର୍ଦ୍ଧା :** ପୌରପରିଷଦ ୨୨ଗୋଟି ୱାର୍ଡ଼କୁ ନେଇ ଗଠିତ। ଖୋର୍ଦ୍ଧା ସହରରେ ବାସ କରୁଥିବା ସାଧାରଣ ଲୋକେ ସର୍ବ ନିମ୍ନ ମୌଳିକ ସେବା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ରାସ୍ତା ଘାଟ ଡ୍ରେନ୍‌ଜ୍ ଓ ସହର ଆଲୋକିକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି। ଡ୍ରେନ୍ ଗୁଡ଼ିକ ନିୟମିତ ଭାବରେ ସଫା କରାଯାଉ ନାହିଁ। ରାସ୍ତା କଡ଼ରେ କୁଢ କୁଢ ଅଳିଆ ଆବର୍ଜନା ଦୀର୍ଘ ଦିନ ଧରି ପଡ଼ି ରହୁଛି। ସହରରେ ଆଲୋକୀକରଣ ବ୍ୟବସ୍ଥା ନ କହିଲେ ଭଲ। କୋଟି କୋଟି ଟଙ୍କା ବ୍ୟୟରେ ସହରର ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅଧିକାଂଶ ଲାଇଟ୍ ଜଳୁ ନାହିଁ। ଯାହାବି ଜଳୁଛି ରାତ୍ରି ୧୨ଟା ପରେ ବନ୍ଦ ହୋଇଯାଉଛି। ଫଳରେ ସହରର ସାରା ଅନ୍ଧକାରମୟ ହୋଇ ଯାଉଛି। ସକାଳ ସମୟରେ ପୌରପରିଷଦ ଅଧିନରେ ଥିବା ରାସ୍ତା କଡ଼ରୁ ଅଳିଆ ଆବର୍ଜନା ସଫଳ କରିବା ପରିବର୍ତ୍ତେ ଦିନ ୧୦ଟା ପରେ ଜନଗହଳି ପୂର୍ଣ୍ଣ ସ୍ଥାନମାନଙ୍କରେ ଟ୍ରାକ୍ଟର ଦ୍ୱାରା ରାସ୍ତା ଅବରୋଧ କରାଯାଇ ଅଳିଆ ଆବର୍ଜନା ଦେଖାଯାଉଥିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ି ମଟର ତଥା ସାଧାରଣ ଲୋକେ ଅଟକି ରହୁଛନ୍ତି। ଫଳରେ ଜନ ସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ପୌରପରିଷଦର ଅଧିକାରୀ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ପର୍ଯ୍ୟଟନ

# ଶୋଷ ଓ ଅବସୋସ ଭିତରେ କାଞ୍ଚନଜଙ୍ଘା

ଆପଣଙ୍କର ମନେଥିବ ଯେ, ଗ୍ୟାଙ୍ଗଟକ୍‌ରେ ଆମେ କେବୁଲ କାର୍‌ରେ ବସିବାର ସୁଯୋଗ ପାଇଥିଲୁ। ଟାସିଲିଙ୍ଗ୍ ପହଞ୍ଚିବା ବେଳକୁ ମୋ ମନରେ କେବଳ ଗୋଟିଏ ଚିନ୍ତା ରହିଥାଏ ତାହା ହେଲା କେବଳ କାଞ୍ଚନ ଜଙ୍ଘା ପର୍ବତ ଦେଖିବା। କିନ୍ତୁ କେବୁଲ କାର୍‌ରେ ଆସିବା ସମୟରେ ରାସ୍ତାରେ ବାଦଲ ଆଉ ଖରାର ଲୁଚକାଳି ଖେଳ ଦେଖିଥିଲି, ତେଣୁ ଭାବିଥିଲି କାଳେ ଟାସିଲିଙ୍ଗ୍‌ରେ ମୋ ଭାଗ୍ୟରେ ଖରା ପଡିବ, କିନ୍ତୁ ବିଧିର ବିଧାନ ଥିଲା ସମ୍ପୂର୍ଣ୍ଣ ଓଲଟା। ସେଠାରେ ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ ବାଦଲରେ ପରିପୂର୍ଣ୍ଣ ଥିଲା ଟାସିଲିଙ୍ଗ୍, ତେବେ ପାଖରେ ଥିବା କିଛି ପର୍ଯ୍ୟଟକ ମୋତେ ରିଜ୍ ପାର୍କରେ ବୁଲିବାର ପରାମର୍ଶ ଦେଇଥିଲେ। ସେମାନେ ବୋଧହୁଏ ମୋ ମନର ଦୁଃଖ ବୁଝିପାରିଥିଲେ। ଅବଶ୍ୟ ମଣିଷର ମନ କଥା ବା ବ୍ୟଥା ବେଳେ ବେଳେ ତା'ର ମୁହଁରେ ପରିପ୍ରକାଶ ପାଇଥାଏ, ଯାହା ସେମାନେ ଜାଣିପାରିଥିବେ। ତେବେ ରିକ୍ ପାର୍କରେ ପହଞ୍ଚି କିଛି ସମୟ ପାର୍କରେ ବିତାଇ ପାଖରେ ଏକ ପୁଷ୍ପ ପ୍ରଦର୍ଶନୀ ମଧ୍ୟ ଦେଖିଥିଲି। ହେଲେ ତାରି ଭିତରେ ଭୀଷଣ ବର୍ଷା ଆରମ୍ଭ ହୋଇଯାଇଥିଲା। ନିକଟରେ ଥିବା ଏକ ଚା' ଦୋକାନରେ ଆଶ୍ରୟ ନେଲି। ଦୋକାନଟି ଖୁବ୍ ପରିଷ୍କାର ଥିଲା। ଖୁବ୍ ଆତିଥେୟତା ପ୍ରଦାନ ମଧ୍ୟ କରିଥିଲେ ଦୋକାନୀ ଜଣକ। ହେଲେ ବିଡମ୍ବନା ଥିଲା ମୁଁ ଚା' ପି,ନାହିଁ। ଚା' ଦୋକାନ କରିଥିବା ମହିଳା ଜଣକ ଜାଣିବା ପରେ ମଧ୍ୟ ତାଙ୍କର ଆତିଥେୟତାରେ କୌଣସି ପରିବର୍ତ୍ତନ ହୋଇନଥିଲା ଯାହା ସିକିମ୍ ଲୋକ ମାନଙ୍କର ଏକ ବଡ ଗୁଣ। ଆଗକୁ ମଧ୍ୟ ମୁଁ ଆପଣଙ୍କୁ





ସେମାନଙ୍କ ଆତିଥେୟତାର ଅନେକ ଉଦାହଣ ଦେବି। ତେବେ ଯାରି ଭିତରେ ଦୋକାନୀ ମହିଳା ମୁଁ ଆସିଥିବା ସ୍ଥାନ ଓ ମୋ ବିଷୟରେ ପଚାରି ବୁଝିଥିଲେ। ଆଉ ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ମୁଁ ଜଗନ୍ନାଥ ଧାମରୁ ଆସିଛି ତାଙ୍କର ଆତ୍ମୀୟତା ଆହୁରି ବଢ଼ିଗଲା। ଜଗନ୍ନାଥ ସଂସ୍କୃତି ବିଷୟରେ ଅନେକ କଥା ସେ ମୋତେ ପଚାରି ବୁଝିଲେ ଆଉ ମୋର ଯେତିକି ବି ସୀମିତ ଜ୍ଞାନ ଥିଲା ମହାପ୍ରଭୁଙ୍କ ବିଷୟରେ ସେତିକି ତାଙ୍କୁ କହିଥିଲି। ଆଉ ତା'ରି ଭିତରେ ସେ ବଡ ଗିନାରେ ଗରମ ନୁଡ୍‌ଲସ ଆଣି ପରଷି ସାରିଥିଲେ, ଯାହା ଥଣ୍ଡା ପାଗକୁ ଖୁବ୍ ସୁଆଦିଆ ଲାଗୁଥିଲା। ଆପଣଙ୍କୁ ମୁଁ ଅନୁରୋଧ କରିବି କି ଆପଣମାନେ ଯେତେବେଳେ ଗ୍ୟାଙ୍ଗଟକ୍ ବୁଲିବାକୁ ଯିବେ ସେତେବେଳେ ଏମିତି ଗରମ ନୁଡୁଲ୍‌ସର ମଜା ନେବେ ନିହାତି। ତେବେ ଗରମ ନୁଡୁଲ୍‌ସର ସୁଆଦ ହେଉ କି ଚା' ଦୋକାନ କରିଥିବା ମହିଳାଙ୍କ ଆତ୍ମୀୟତା ଏ ସବୁ ଭିତରେ କିନ୍ତୁ ମୋ ମନଥାଏ କାଞ୍ଚନଜଙ୍ଘା ପର୍ବତର ମନୋରମ ଦୃଶ୍ୟକୁ ମନଭରି ଦେଖିବା ପାଇଁ। ଏତିକି ବେଳକୁ ପୁଣି ସୂର୍ଯ୍ୟ ଦେବଙ୍କର ଆବିର୍ଭାବ ହେଲା ମୋ ମନରେ ମରିଯାଇଥିବା ଆଶା ପୁଣି ଜାଗ୍ରତ ହେଲା। ଆଉ ମୁଁ ବାହାରିଲି କାଞ୍ଚନଜଙ୍ଘା ପର୍ବତ ଦେଖିବା ପାଇଁ। ମନରେ କାଞ୍ଚନଜଙ୍ଘା ପର୍ବତକୁ ନେଇ ସବୁବେଳେ ଉତ୍କଣ୍ଠା ରହିଥାଏ। ଏପରିକି ସିକିମ୍ ବୁଲିଯିବା ପୂର୍ବରୁ ଦାର୍ଜିଲିଂରେ ମଧ୍ୟ ଅନେକ ଥର ଚେଷ୍ଟା କରିଥିଲେ ବି କାଞ୍ଚନଜଙ୍ଘା ପର୍ବତର ଦର୍ଶନ ଭାଗ୍ୟରେ ଜୁଟି ନଥିଲା। ତେଣୁ ସିକିମ୍ ବୁଲିବାର ଏକ ମୂଳ ଲକ୍ଷ୍ୟ ଥିଲା ଏହି ସୁନ୍ଦର ପର୍ବତକୁ ଦେଖିବା। ତେଣୁ ବର୍ଷା ଛାଡିଯିବା ପରେ ମୁଁ ମୋ ଲକ୍ଷ୍ୟ ପଥରେ ବାହାରିଥଲି। କିନ୍ତୁ ପାଗ ପରିଷ୍କାର ହୋଇଥିଲେ ବି କାଞ୍ଚନଜଙ୍ଘା ପର୍ବତ କିନ୍ତୁ ବାଦଲ ଭିତରେ ଥିଲା। ତେଣୁ ତା'ର ଦର୍ଶନ ହୋଇପାରି ନଥିଲା। ସମୟ ପାଖାପାଖି ଗୋଟାଏ ବାଜିବାକୁ ଯାଉଥିଲା। ଯେହେତୁ ମୁଁ କିଛି ସମୟ ତଳେ ମ୍ୟାଗି ନୁଡ୍‌ଲୁସ୍ ଖାଇଥିଲି ତେଣୁ ମୋତେ ଆଉ ଭୋକ ଲାଗୁନଥିଲା। ମୋ ସହିତ ଥିବା ଅନ୍ୟମାନେ କିନ୍ତୁ ଭୋକରେ ସେତେବେଳକୁ ଆଉଟ ପାଉଟ ହେଲେଣି। କାଞ୍ଚନଜଙ୍ଘା ପର୍ବତ ଦେଖିବାର ଅମାପ ଇଚ୍ଛା ଯୋଗୁଁ ସେମାନେ କିଛି କହିପାରୁ ନଥିଲେ। ମୁଁ କିନ୍ତୁ ସେମାନଙ୍କ ମୁହଁକୁ ଦେଖି ବୁଝିଗଲି, ସେଠାରୁ ଆଉ ପୁନର୍ବାର ରୋପ୍ ୱେ ଯୋଗେ ଫେରି ଚାଲି ଆସିଥିଲୁ। ଆମେ ଜାଣିବାକୁ ପାଇଲୁ ଯେ, ଗ୍ୟାଙ୍ଗଟକର ହାର୍ଟ କୁହାଯାଉଥିବା ମହାତ୍ମା ଗାନ୍ଧି ରୋଡ୍ ବା ଏମ୍‌ଜି ରୋଗ୍‌ରେ ଭଲ ଭଲ ରେଷ୍ଟୁରାଣ୍ଟ ରହିଛି। ତେଣୁ ଆସି ପହଞ୍ଚିଲୁ ମହାତ୍ମା ଗାନ୍ଧି ରୋଡ୍‌ରେ। ସତରେ ଏହି ସ୍ଥାନଟି ଖୁବ୍ ମନୋରମ। ଗ୍ୟାଙ୍ଗଟକ୍ ପ୍ରଶାସନ ଏହି ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏପରିକି ଏହାର ପରିବେଶ ଯେପରି ଖରାପ ନହୁଏ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ସ୍ଥାନକୁ କୌଣସି ଦୁଇ ଚକିଆ କିମ୍ବା ଚାରି ଚକିଆ ଗାଡିର ପ୍ରବେଶକୁ ମଧ୍ୟ ବାରଣ କରାଯାଇଛି। ଏହାରି ଭିତରେ ଆମେ ଏକ ରେଷ୍ଟରାଣ୍ଟରେ ପହଞ୍ଚି ଯାଇଥିଲୁ। ଆପଣମାନଙ୍କୁ କହିରଖେ, ଗ୍ୟାଙ୍ଗଟକ୍‌ରେ ଚାଇନିଜ୍ ଖାଦ୍ୟ ଖୁବ୍ ଭଲ ମିଳେ। ଏହାସହ ଏବେ ଆମ ରାଜ୍ୟର ବିଭିନ୍ନ ସ୍ଥାନରେ ମିଳୁଥିବା ମୋମୋ ମଧ୍ୟ ଏଠାରେ ଖୁବ୍ ପ୍ରସିଦ୍ଧ। **କ୍ରମଶଃ...**

ଆସ ବୁଲିଯିବା





ଉପସ୍ଥାପନା
ଜାହ୍ନବୀସୁତ

## ନବୀନ ସରକାରଙ୍କୁ ଖଣ୍ଡିଏ ଭୋଟ ଦିଅନି : ଦାମ

**ଭୁବନେଶ୍ୱର :** ବରିଷ୍ଠ ନେତା ତଥା ପାରାଦୀପ ବିଧାୟକ ଡ. ଦାମୋଦର ରାଉତ ନୂଆଦିଲ୍ଲୀଠାରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହେବା ପରେ ଭୁବନେଶ୍ୱର ଫେରିଛନ୍ତି। ଏହି ଅବସରରେ ଡ.ରାଉତଙ୍କୁ ବିମାନ ବନ୍ଦରରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ବାଇକ ଶୋଭାଯାତ୍ରାରେ ସ୍ୱାଗତ କରାଯାଇଥିଲା । ପରେ ଦଳୀୟ କାର୍ଯ୍ୟାଳୟ ଠାରେ ସ୍ୱାଗତ ସଭା ମାଧ୍ୟମରେ ଦଳର ବରିଷ୍ଠ ନେତୃବୃନ୍ଦ ଡ.ରାଉତଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଡ.ରାଉତଙ୍କୁ ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ବିଧାୟକ ଦଳ ନେତା କେ.ଭିସିଂହଦେଓଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ମିଶନ ୧୨୦+ ଲକ୍ଷ୍ୟ ନିଶ୍ଚିତ ଭାବେ ପୂରଣ ହେବ। ଡ. ରାଉତଙ୍କ ନେତୃତ୍ୱ ଏବଂ ମାର୍ଗଦର୍ଶକରେ ଦଳ ଆହୁରି ମଜବୁତ ହେବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ମୁଁ ଆଜି ୪୫ ବର୍ଷର ସଂପର୍କ କାଟି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛି ଆପଣମାନେ ଖୁସି ତ? ବିଜୁବାବୁ ମତେ ୧୯୭୪ ମସିହାରେ ରାଜନୀତିକୁ ଆଣିଥିଲେ। ବହୁ ସ୍ୱପ୍ନଦେଖି ସେ ପାରାଦୀପ ବନ୍ଦର କରିଥିଲେ। ଓଡିଆ ଲୋକଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ସେ ଲଢେଇ କରୁଥିଲେ। ସେତେବେଳ ମତେ ସେ ଡାକିକି ଆଣି ଦଳରେ ସାମିଲ କରିଥିଲେ । ମୁଁ ୩୫ ବର୍ଷ ବିଧାୟକ ହୋଇଛି , ୬ ଥର ମନ୍ତ୍ରୀ ହୋଇଛି, ଅନେକ ଲୋକ ହିତକର କାର୍ଯ୍ୟ କରିଛି ବୋଲି ଡ. ରାଉତ କହିଛନ୍ତି। ୧୯୮୯ ମସିହା ପରଠୁ ବିଜୁ ବାବୁ ତାଙ୍କ ଦିଲ୍ଲୀ ସ୍ଥିତ ବାସଭବନକୁ ଯାଉନଥିଲେ। ଏ ପ୍ରଶ୍ନର ଉତର ନବୀନ ବାବୁଙ୍କୁ ପଚାରିବା ଉଚିତ୍। ନବୀନବାବୁ ମୁଖ୍ୟମନ୍ତ୍ରୀ ହେବା



ସମୟରେ ଯେଉଁ ବିଜୁ ଅନୁଗତମାନେ ତାଙ୍କୁ ଆଣିଥିଲେ ସେମାନଙ୍କୁ ସେ ଅପମାନ ଦେଇ ବିଦା କରିଦେଲେ। ଲୋକମାନଙ୍କର ସେବା କରିବା ପାଇଁ ରାଜନୀତି କରାଯାଏ କିନ୍ତୁ ନବୀନ ବାବୁଙ୍କ ଚାରିପଟେ ଯେଉଁମାନେ ଅଛନ୍ତି ସେମାନେ ରାଜନୀତି ନାଁରେ ବେପାର କରିବାକୁ ଆସିଛନ୍ତି । ଯେଉଁମାନଙ୍କର କୋଠି ନାହିଁ ସେମାନେ ବଜେଡିକୁ ଆସି କୋଟିପତି ହୋଇଛନ୍ତି। ରାଜ୍ୟରେ ନାବାଳିକାଠୁ ଆରମ୍ଭ କରି ମହିଳା ପର୍ଯ୍ୟନ୍ତ ସମସ୍ତେ ଅସୁରକ୍ଷିତ। ରାଜ୍ୟସରକାର ଧର୍ଷଣକାରୀଙ୍କୁ ସୁରକ୍ଷା ଦେଉଛନ୍ତି। ଦୁର୍ନୀତିରେ ଏସରକାର ବୁଡି କି ରହିଛି । ଆଦିବାସୀମାନଙ୍କୁ ଶୋଷଣ କରାଯାଉଛି। ଦୁର୍ନୀତି କଥା କହିବାରୁ ମତେ ମନ୍ତ୍ରିମଣ୍ଡଳରୁ ହଟାଇ ଦିଆଗଲା । ଏହାପରେ ମୁଁ ନବୀନ ସରକାରଙ୍କୁ ଖଣ୍ଡିଏ ଭୋଟ ଦିଅନି ବୋଲି ରାଜ୍ୟବ୍ୟାପୀ ପ୍ରଚାର କରିଛି। କେବଳ ବିଜେପି ରାଜ୍ୟରୁ ଦୁର୍ନୀତିକୁ ହଟାଇ ପାରିବ ବୋଲି ଡ. ରାଉତ କହିଛନ୍ତି। ସରକାରୀ କଳ ଅପବ୍ୟବହାର କରି ବିଜେଡି ରାଜନୀତି କରୁଛି। କୁନ୍ଦୁଲୀ ପୀଡିତା ନ୍ୟାୟ ନପାଇବାରୁ ଆତ୍ମହତ୍ୟା କଲା। ତାକୁ ଯିଏ ଧର୍ଷଣ କରିଥିଲେ ସେ ହେଉଛି ଜଣେ ତାମିଲନାଡୁର କନେଷ୍ଟବଳ। ତାଙ୍କୁ ସୁରକ୍ଷା ଦେବାକୁ ଯାଇ ନାବାଳିକାକୁ ନ୍ୟାୟ ଦେଲେ ନାହିଁ ରାଜ୍ୟସରକାର । ରାଜ୍ୟରେ ସୁଶାସନ କେବଳ ବିଜେପି ହିଁ ଦେଇପାରିବ ବୋଲି ଡ. ରାଉତ କହିଛନ୍ତି । ରାଜ୍ୟରେ ପରିବର୍ତ୍ତନର ସୂର୍ଯ୍ୟୋଦୟ ହୋଇଛି ବୋଲି ଡ. ରାଉତ କହିଛନ୍ତି।

## ଗାଁ ମଝିରେ ମଦ ଦୋକାନ
## ହଟାଇବାକୁ ମହିଳାଙ୍କ ବିକ୍ଷୋଭ

**କେନ୍ଦ୍ରାପଡ଼ା :** କେନ୍ଦ୍ରାପଡା ବ୍ଲକ ଅଧିନ ନାଗେଶ୍ୱରପୁର ଗ୍ରାମ ମଝିରେ ଏକ କେବିନ୍‌ରେ ଚାଲିଥିବା ମଦ ଦୋକାନକୁ ହଟାଇବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମହିଳା ସମିତି ସଭ୍ୟାଙ୍କ ସମେତ ଶତାଧିକ ମହିଳା ଏକ ରାଲିରେ ଆସି ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ଏଲିନା ସାମନ୍ତରାୟ, ହିରାମଣୀ ରାଉତ, କୋଇଲି ବେହେରା, ମିନତୀ ବେହେରା, ମିନାକ୍ଷୀ ବେହେରା, ବାସନ୍ତି ବେହେରା, ଭାଗ୍ୟଲକ୍ଷ୍ମୀ ବେହେରା, ଜାନାର ବିବି, ରହିମା ବିବି, ବିବି ଫାତମା, ରୁବାନା ବିବି ପ୍ରମୁଖ ନେତୃତ୍ୱ ନେଇ ଗ୍ରାମରେ ଥିବା ଏହି ମଦ ଦୋକାନ ପାଇଁ ଆଇନ୍ ଶୃଙ୍ଖଳା ପରିସ୍ଥିତି ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହୋଇଛି ବୋଲି ବକ୍ତବ୍ୟ ରଖିଥିଲେ। ଉପଜିଲ୍ଲାପାଳ ସଂଜୟ କୁମାର ମିଶ୍ରଙ୍କୁ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ।

## ମହିଳା ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

***କେନ୍ଦ୍ରାପଡ଼ା :*** *କେନ୍ଦ୍ରାପଡା ଜିଲ୍ଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ବିଜେଡି ଦଳର ସଭାନେତ୍ରୀ ମିନତୀ ବେହେରା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଧାୟକ କିଶୋର ଚନ୍ଦ୍ର ତରାଇ , ଜିଲ୍ଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, ବ୍ଲକ ସଭାପତି ଆଲୋକ ସାହୁ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ୨୦୧୯ ଆଗାମୀ ନିର୍ବାଚନରେ ବିଜେଡି ମହିଳା ଶାଖାର ପ୍ରତ୍ୟେକ କର୍ମୀ ଓ ନେତ୍ରୀଙ୍କର ଗୁରୁଦାୟିତ୍ୱ ରହିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ବିଜେଡି ସରକାର ରାଜ୍ୟବାସୀଙ୍କ ଆଶୀର୍ବାଦରେ ପୁନର୍ବାର ୫ ବର୍ଷ ପାଇଁ ରାଜ୍ୟ ଶାସନରେ ଦାୟିତ୍ୱ ନିର୍ବାହ କରିବାକୁ ହେଲେ ପ୍ରତ୍ୟେକଙ୍କୁ ଏହି ନିର୍ବାଚନରେ କଠୋର ପରିଶ୍ରମ କରିବାକୁ ପଡିବ ବୋଲି ସୂଚନା ଦେବାସହ ଏଥିପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ମହିଳା ବିଜେଡି ଦଳର ଜିଲ୍ଲା ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାଢି, ମହିଳା ନେତ୍ରୀ ମିନତୀ ପରିଡା, ନଗର ମହିଳା ସଭାନେତ୍ରୀ ଜ୍ୟୋର୍ତିମୟୀ ମହାପାତ୍ର, ଯୁବ ସଂପାଦକ ଦୀନବଂଧୁ ନାୟକ, ଜିଲ୍ଲା ଛାତ୍ର ସଭାନେତ୍ରୀ ପ୍ରବୀର କୁମାର ସାହୁ, ଓସ୍ତପୁର ସମିତି ସଭ୍ୟ ପ୍ରସନ୍ନ ରାଉତ, ଯୁବନେତା ରାଜେଶ ପଣ୍ଡା, ମ୍ୟୁନିସିପାଲିଟିର ସମସ୍ତ ୱାର୍ଡର ମହିଳା ସଭାନେତ୍ରୀ, ସଂପାଦକ ଓ ପଂଚାୟତ ସ୍ତରର ସଭାପତି ସଂପାଦକମାନେ ଉପସ୍ଥିତ ଥିଲେ।*

## ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**କଟକ :** ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଗୁରୁଦାୟିତ୍ୱ ରହିଛି । ଏହି କାର୍ଯ୍ୟକୁ ନିଷ୍ଠାର ସହ ସମ୍ପାଦନ କରିବାକୁ ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସଦ୍ ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଅରବିନ୍ଦ ଅଗ୍ରଓାଲ ଏହା କହିଛନ୍ତି। ଏ ପରିପ୍ରେକ୍ଷୀରେ ସମସ୍ତ ୯ ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଖର୍ଚ୍ଚ ଅଟକଳ ପରିଚାଳନା ଟିମ୍ ଗଠନ ହୋଇଥିବା ବେଳେ ଏଥିପାଇଁ ୯ଜଣ ସହକାରୀ ଖର୍ଚ୍ଚ ଅଟକଳ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩ଟି ଲେଖାଁ ଫ୍ଲାଇଙ୍ଗ ସ୍କ୍ୱାଡ୍, ଷ୍ଟାଟିକ୍ ସର୍ଭେଲାନ୍ସ



ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଭିଡିଓ ଉତ୍ତୋଳନ ପାଇଁ ୪୫ ଜଣ ଭିଡିଓଗ୍ରାଫରଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅଭିଯୋଗ ପରିଚାଳନା ସେଲ୍ କାର୍ଯ୍ୟ କରୁଛି। ଏତଦ୍‌ବ୍ୟତୀତ ନିର୍ବାଚନ ପରିଚାଳନାରେ ନିୟୋଜିତ ସମସ୍ତ ମାଜିଷ୍ଟ୍ରେଟ୍ ଓ ପୁଲିସ ଅଧିକାରୀ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ସମ୍ବନ୍ଧୀୟ ପ୍ରାପ୍ତ ଅଭିଯୋଗଗୁଡିକର ୧୦୦ମିନିଟ୍ ମଧ୍ୟରେ ସମାଧାନ ପାଇଁ ସିଭିଜିଲ ଆପ୍‌ର ଉପଯୋଗ କରାଯାଉଥିବା ଜିଲ୍ଲାପାଳ ଶ୍ରୀ ଅଗ୍ରଓାଲ କହିବା ସହିତ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଟ୍ରେଜେରି ଅଧିକାରୀ ରମେଶ ଚନ୍ଦ୍ର ଘଡ଼େଇ, ଜିଲ୍ଲା ସୂଚନା ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ, ଡେପୁଟି କଲେକ୍ଟର ରଞ୍ଜିତା ସାହୁ, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ମଲ୍ଲିକ, ନମିତା ମହାନ୍ତି, ଜିଲ୍ଲାର ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ପୁଲିସ ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ଶ୍ରୀଲିଙ୍ଗରାଜ ମନ୍ଦିରରେ ଜଳ ସଂରକ୍ଷଣ ପ୍ରକଳ୍ପ
# ଦାବି ଉଠାଇଲେ ସାମାଜିକ କର୍ମୀ



**ଭୁବନେଶ୍ୱର :** ଐତିହ୍ୟ ସମ୍ପନ୍ନ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପିଇବା ପାଣିରେ ଗୋଡ଼ଧୂଆ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସାମାଜିକ କର୍ମୀ। ମନ୍ଦିର ଆଖପାଖରେ ବର୍ଷାଜଳ ସଂରକ୍ଷଣ ଓ ଜଳ ପରିଚାଳନାକୁ କଡ଼ାକଡ଼ି କରିବା ପାଇଁ ପରାମର୍ଶ ମଧ୍ୟ ଦିଆଯାଇଛି। ଛୋଟ ଛୋଟ ଉଦ୍ୟମ କଲେ ପିଇବା ପାଣିର ବଡ଼ ସଙ୍କଟକୁ ଟାଳି ଦିଆଯିବ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ମତପ୍ରକାଶ କରିଛନ୍ତି। ଜଳ ସଂରକ୍ଷଣ, ବିଶୋଧନ ଓ ପୁନଃ ବ୍ୟବହାର ସମ୍ପର୍କିତ ଏକ ପ୍ରସ୍ତାବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ୨୦ ହଜାର ଲିଟର ଜଳକୁ ପୁନଃ ବ୍ୟବହାରରେ ସକ୍ଷମ କରିବା ପାଇଁ ଇଂ ବାସୁଦେବ ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ପ୍ରୋଜେକ୍ଟରେ ଏହି ପ୍ରସ୍ତାବ ଦିଆଯାଇଛି। ଏଥିରେ ମୋଟ୍ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହା କାର୍ଯ୍ୟକାରୀ କରାଗଲେ ମାସକୁ ୫ ଲକ୍ଷ ୪୦ ହଜାର ଲିଟର ଜଳର ପୁନଃ ଚକ୍ରଣ ସମ୍ଭବପର ହୋଇପାରିବ ବୋଲି କୁହାଯାଇଛି। ଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ପାଦ ପ୍ରକ୍ଷାଳନ ବ୍ୟବସ୍ଥା କରିଛନ୍ତି କର୍ତ୍ତୃପକ୍ଷ। ଆବଶ୍ୟକୀୟ ପାଣି ପାଇଁ ୭ଟି ୨ ହଜାର ଲିଟର ପାଣିଟାଙ୍କି ବସାଯାଇଛି। ଏଥିରେ ଦିନକୁ ୨ଥର ପାଣି ଭର୍ତି କରାଯାଉଛି। ଦିନ ଭିତରେ ପାଖାପାଖି ୨୦ ହଜାର ଲିଟର ଜଳ ଗୋଡ଼ଧୁଆରେ ଖର୍ଚ୍ଚ ହୁଏ ଏବଂ ବାକି ପାନୀୟ ଜଳ ହିସାବରେ ବ୍ୟବହୃତ ହୋଇଥାଏ ବୋଲି ଏକ ଆକଳନରୁ ଜଣାପଡ଼ିଛି। ଦିନକୁ ୨୦ ହଜାର ଲିଟର ହିସାବରେ ମାସକୁ ୬ ଲକ୍ଷ ଓ ବର୍ଷକୁ ୭୨ ଲକ୍ଷ ଲିଟର ଜଳ ଗୋଡ଼ଧୁଆରେ ଡ୍ରେନ୍ ମଧ୍ୟରେ ଚାଲିଯାଇଥାଏ। ସରକାରୀ ଦର ଅନୁଯାୟୀ ପାଣି ଲିଟରକୁ ୧୭ ପଇସା ହିସାବରେ ୨୦ ହଜାର ଲିଟରକୁ ଦିନକୁ ୩୪୦୦ଟଙ୍କାର ଜଳ ଖର୍ଚ୍ଚ ହୋଇଥାଏ। ବାର୍ଷିକ ୧୨ ଲକ୍ଷ ୨୪ ହଜାର ଟଙ୍କା ଗୋଡ଼ ଧୋଇବା ଜଳରେ ଖର୍ଚ୍ଚ ହୁଏ। ତାକୁ ଅଟକାଇ ବିଶୋଧନ କରି ପୁଣି ଥରେ ବ୍ୟବହାର କରାଯିବା ଭଳି ବନ୍ଦୋବସ୍ତ ହେଉନାହିଁ। ଗୋଡ଼ ଧୋଇବା ପାଇଁ ପିଇବା ପାଣିର ଏଭଳି ଅପବ୍ୟବହାରକୁ ନେଇ ସମାଜସେବୀ ସୁଶାନ୍ତ ସାହୁ ପ୍ରଶ୍ନ ଉଠାଇଛନ୍ତି।

# ଯୁବପିଢି ଏବେ ବିଜେପି ମୁହାଁ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଛାଡି ବିଦ୍ଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ବିଜେଡିର ଭୁବନେଶ୍ୱର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଓ ଯୁବ ନେତା ବାବୁ ସିଂହ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ସିଂହଙ୍କୁ ଉତରୀୟ ଏବଂ ଟୋପି ପିନ୍ଧାଇ ବିଦ୍ଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳର ଅନେକ ଯୁବନେତା ବିଜେଡି ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି। କେନ୍ଦ୍ରପଡା ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି ଅଧ୍ୟାପକ ଉମାକାନ୍ତ ନାୟକ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଛନ୍ତି। ସେ ପୂର୍ବତନ ପିସିସି ସାଧାରଣ ସଂପାଦକ ଭାବେ ଦାୟିତ୍ୱ ତୁଲାଇବା ସହ ଏଆଇସିସିର ସଦସ୍ୟ ରହିଛନ୍ତି। ସେହିପରି ପାଟକୁରା ଅଞ୍ଚଳର ଯୁବନେତା ଉମାକାନ୍ତ ଚୌଧୁରୀ, ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ମୀନତି ରାଉତ, କଂଗ୍ରେସ ନେତା ଦେବକାନ୍ତ ରାଉତ, ଅମରଜିତ ରାଉତ ପ୍ରମୁଖ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ମ୍ୟୁନିସିପାଲିଟିର ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ, ସାମାଜିକ କାର୍ଯ୍ୟକର୍ତା କୈଳାସ ଚନ୍ଦ୍ର ବଳ, ଦୁର୍ଗାଶିଷ ମହାନ୍ତି, ରାଜ୍ୟ ନାଗରିକ ସମାଜର ସଭାପତି ତଥା ସମାଜସେବୀ ପ୍ରକାଶ ରଥ, ବିଜୁଯୁବ ବାହିନୀର ସଦସ୍ୟ ଗୋପାଳ କିଷ୍ଣ ଦାସ, ସମାଜସେବୀ ଅଦ୍ୱୈତ ମହାନ୍ତି ବିଜେପିରେ ସାମିଲ ହୋଇଛନ୍ତି। ବେଗୁନିଆ ବୋଲଗଡର ନିର୍ବାଚନମଣ୍ଡଳୀର ପୂର୍ବତନ ବ୍ଲକ ଚେୟାରମ୍ୟାନ ରଘୁନାଥ ଷଡଙ୍ଗୀ, ପୂର୍ବତନ ସରପଞ୍ଚ ଦେବରାଜ ପଲାଇ, ସେହ୍ନଲତା ଷଡଙ୍ଗୀ, ଚିନ୍ମୟୀ ସେଠୀ, ରମ୍ୟରଂଜନ ସାମନ୍ତରାୟ, ଦିଲୀପ ମହାପାତ୍ର, ସତ୍ୟଭାମା ସେଠୀଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଆମ ଆଦମୀ ପାର୍ଟିର ନେତ୍ରୀ ଆଇନଜୀବୀ ସଙ୍ଗୀତା ମାଝୀ, ଟିଭି ଆଙ୍କର ଅନୁରାଧା ନାୟକ (ମୁସ୍କାନ), ସମାଜିକ କାର୍ଯ୍ୟକର୍ତା ଅରୁଣ ଦାସ, ସାମ୍ବାଦିକ ପ୍ରଶାନ୍ତ ପାଇକରାୟ, ମଧୁସୁଦନ ଦାସ, ଗଙ୍ଗାଧର ପଣ୍ଡା, ପାର୍ଥସାରଥୀ ତ୍ରିପାଠୀ, ହେମନ୍ତ କୁମାର ପଣ୍ଡା, ଦୀପକ ମିଶ୍ର , କିଶୋର ପଟ୍ଟନାୟକ, ସୁମନ୍ତ ଦାସ, ଅରୁଣ ପଟ୍ଟନାୟକ, ବିନୋଦ ବିହାରୀ ବଳ ବିଜେପିରେ ସାମିଲ ହୋଇଛନ୍ତି।

# ଇସ୍ତାହାର କମିଟି ଘୋଷଣା କଲେ ନବୀନ



**ଭୁବନେଶ୍ୱର :** ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ୨୦୧୯ ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳ ଇସ୍ତାହାର କମିଟି ଘୋଷଣା କରିଛନ୍ତି। କମିଟିରେ ସବୁ ବର୍ଗକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଇସ୍ତାହାର କମିଟିର ଅଧ୍ୟକ୍ଷ ଭାବେ ବେଦ ପ୍ରକାଶ ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇଛି। ସହ-ଅଧ୍ୟକ୍ଷ ଭାବେ ପ୍ରସନ୍ନ ଆଚାର୍ଯ୍ୟ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଏବଂ କସ୍ତୁରୀ ମହାପାତ୍ରଙ୍କୁ ମାନ୍ୟବର ସଭାପତି ଶ୍ରୀ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ସେହିପରି କମିଟିର ସଦସ୍ୟ ଭାବେ ଅନଙ୍ଗ ଉଦୟ ସିଂହଦେଓ, ଭର୍ତ୍ତୃହରି ମହତାବ, ଡ. ଅଚ୍ୟୁତ ସାମନ୍ତ, ଅତନୁ ସବ୍ୟସାଚୀ ନାୟକ, ସଂଜୟ କୁମାର ଦାସବର୍ମା, ଡ. ଅରୁଣ କୁମାର ସାହୁ, ସୁଦାମ ମାର୍ଣ୍ଡି, ରମେଶ ଚନ୍ଦ୍ର ମାଝୀ, ସୁବାସ ସିଂହ, ଡ. ମିନତି ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ନବ କିଶୋର ଦାସ, ଡ. ଦିଲ୍ଲୀପ ତିର୍କୀ, ସାଂସ୍କୃତିକ ସମନ୍ୱୟ ସେଲ୍‌ର ଆବାହାକ ରବି ନାରାୟଣ ନନ୍ଦ, ଇଂ.ନଳିନୀକାନ୍ତ ପ୍ରଧାନ, ଆଇନଜୀବୀ ଅସୀମ ଅମିତାଭ ଦାସ, ମୁନ୍ନା ଖାନ୍, ଅନନ୍ତ ନାରାୟଣ ଜେନା, ଡ. ସସ୍ମିତ ପାତ୍ର, ଶ୍ରୀମୟୀ ସ୍ୱେତା ସ୍ନିଗ୍ଧା ମିଶ୍ର, ତେଜେଶ୍ୱର ପରିଡା, ଚିନ୍ମୟ ସାହୁ, ଅମରେଶ ପତ୍ରି, ରାଣାପ୍ରତାପ ପାତ୍ର, ଏସ୍‌ଏଚ୍‌ଜି ଫେଡେରେସନ୍ ବଲାଙ୍ଗିର ସଭାନେତ୍ରୀ ସୁଜାତା ମିଶ୍ର, ସୁନ୍ଦରଗଡ଼ର ସରସ୍ୱତୀ କିଷାନ, ମୟୂରଭଞ୍ଜର ବିଷ୍ଣୁପ୍ରିୟା ଦାସ, କଳାହାଣ୍ଡିର ପଙ୍କଜିନୀ ମଙ୍ଗରାଜ, କେନ୍ଦୁପତ୍ର ତୋଳାଳି ନେତ୍ରୀ ମାମିନା ନାୟକ, କୃଷକ ନେତା କିଶୋର ଦେବତା, ବିଜେଡି ଆଇଟି ସେଲ୍ ମୁଖ୍ୟ ଡ. ଅମର ପଟ୍ଟନାୟକ ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଛି। ମାର୍ଚ୍ଚ ୫ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୩ତମ ଜୟନ୍ତୀରୁ ବିଜୁ ଜନତା ଦଳର 'ଘରେ ଘରେ ଶଙ୍ଖ-ମତାମତ ଦିଅନ୍ତି ଆପଣ, ପାଳନ କରନ୍ତି ନବୀନ' କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ତୃଣମୂଳ ସ୍ତରରୁ ମହିଳା କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି ମତାମତ ସଂଗ୍ରହ କରୁଛନ୍ତି। ଏହି ମତାମତ ଆଧାରରେ ବିଜୁ ଜନତା ଦଳ ତା'ର ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରିବ ବୋଲି ନବ ଗଠିତ ଇସ୍ତାହାର କମିଟିକୁ ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ଦଳର ରାଜ୍ୟ ସଂପାଦକ ବିଜୟ ନାୟକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ନାମାଙ୍କନ ଦାଖଲ ବେଳେ ପାନକାର୍ଡ ନକଲ ବାଧ୍ୟତାମୂଳକ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସୁରେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଓ ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ଥିଲେ। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଇଲେକ୍ସନ୍ କମିଶନ୍ ଯେଉଁ ଯେଉଁ ନିୟମ ଜାରି କରିଛନ୍ତି ସେଗୁଡ଼ିକ କିପରି ରାଜନୈତିକ ଦଳଗୁଡ଼ିକ ମାନିବେ ସେ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ନିର୍ବାଚନୀ ଆଚାର ସଂହିତା ମାନିବା, ଇଭିଏମ୍ ସୁରକ୍ଷା ସଂକ୍ରାନ୍ତୀୟ ତଥ୍ୟ, ପ୍ରଥମଥର ପାଇଁ ନିର୍ବାଚନରେ ଯେଉଁ ଭିଭିପାଟ୍ ବ୍ୟବହାର କରାଯିବ ସେନେଇ ରାଜନୈତିକ ଦଳର ନେତାଙ୍କୁ ସୂଚନା ଦିଆଯାଇଥିଲା। ଏଥିସହ ନିର୍ବାଚନରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବା ସମୟରେ ପୂରଣ କରାଯାଉଥିବା ଫର୍ମ-୨୬ ସଂକ୍ରାନ୍ତରେ ସିଇଓ ଅବଗତ କରାଯାଇଥିଲେ। ଏପରିକି ନାମାଙ୍କନ ଦାଖଲ ସମୟରେ ପ୍ରାର୍ଥୀମାନେ ନିଜର ପାନକାର୍ଡର ନକଲ ଜମା କରିବା ବାଧ୍ୟତାମୂଳକ କରାଯାଇଛି। ଯେଉଁ ପ୍ରାର୍ଥୀଙ୍କ ପାନ୍‌କାର୍ଡ ନ ଥିବ ସେମାନେ ଏହାକୁ ପୂର୍ବରୁ ଆବେଦନ କରିବା ସହ ଏହି ଆବେଦନ ପତ୍ରର ନକଲ ମଧ୍ୟ ଦାଖଲ କରିପାରିବେ। ଚଳିତ ନିର୍ବାଚନରେ ବିଧାନସଭା ପାଇଁ ପ୍ରାର୍ଥୀଙ୍କର ସର୍ବାଧିକ ଖର୍ଚ୍ଚ ୨୬ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଲୋକସଭା ପାଇଁ ଜଣେ ପ୍ରାର୍ଥୀ ୭୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଏହାଠାରୁ ଅଧିକ ଟଙ୍କା କାରବାର କଲେ କିମ୍ବା ଏ ସଂକ୍ରାନ୍ତରେ ନିର୍ବାଚନ କମିଶନଙ୍କ ପାଖରେ ଖବର ପହଞ୍ଚିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଆୟକର ବିଭାଗ ପକ୍ଷରୁ ବେଆଇନ୍ ଅର୍ଥ କାରବାରକୁ ନେଇ ଯେଉଁ ଟୋଲ-ଫ୍ରି ନମ୍ବର ଜାରି କରାଯାଇଛି ସେ ନେଇ କମିଶନ ଅବଗତ କରାଇଥିଲେ। ଯାହା ବେଆଇନ ଅର୍ଥ କାରବାରକୁ ରୋକିବାରେ ସହାୟକ ହେବ ବୋଲି ସିଇଓ କହିଥିଲେ। ଏଥିସହ ପ୍ରାର୍ଥୀଙ୍କର ନାମରେ ଯଦି କୌଣସି ଅପରାଧିକ ରେକର୍ଡ ଥିବ ନିର୍ବାଚନ ପ୍ରଚାର ଶେଷ ପୂର୍ବରୁ ସେମାନେ ସେ ନେଇ ତିନିଥର ବୈଦ୍ୟୁତିକ ଗଣମାଧ୍ୟମ ଓ ମୁଦ୍ରିତ ଗଣମାଧ୍ୟମ ଦ୍ୱାରା ସାଧାରଣରେ ଅବଗତ କରାଇବେ। ଏଥିପାଇଁ ଯେଉଁ ଖର୍ଚ୍ଚ ହେବ ତାହାକୁ ସମ୍ପୃକ୍ତ ପ୍ରାର୍ଥୀ ନିଜେ ବହନ କରିବେ ବୋଲି କମିଶନ ସୂଚନା ଦେଇଛନ୍ତି।

# ଅଚ୍ୟୁତଙ୍କୁ ବିଜିନେସ୍ ଲାଇନ୍ ଚେଞ୍ଜ ମେକର ପୁରସ୍କାର



**ଭୁବନେଶ୍ୱର :** ରାଜ୍ୟସଭା ସାଂସଦ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବିଜିନେସ୍ ଲାଇନ୍ ଚେଞ୍ଜମେକର୍ ପୁରସ୍କାର-୨୦୧୯ ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରିଛନ୍ତି। ହିନ୍ଦୁ ଗ୍ରୁପ୍ ଦ୍ୱାରା ପ୍ରକାଶିତ ପ୍ରମୁଖ ଦୈନିକ ଇଂରାଜୀ ଖବର କାଗଜ ହିନ୍ଦୁ ବିଜିନେସ୍ ଲାଇନ୍ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଓ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ସମ୍ମାନଜନକ ଚେଞ୍ଜ୍‌ମେକର୍ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ପାଇଁ ୬୦୦ ମନୋନୟନ ଆସିଥିବାବେଳେ ବିଭିନ୍ନ ମାନଦଣ୍ଡକୁ ଭିତ୍ତିକରି ଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯାଇଥାଏ। ଶେଷରେ ଭାରତର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଚୟନ କମିଟି ବିଭିନ୍ନ କ୍ଷେତ୍ରରେ ଚେଞ୍ଜ୍‌ମେକର୍ ପୁରସ୍କାର ପାଇଁ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ନାମ ମନୋନୟନ କରିଥାନ୍ତି। ଚଳିତ ବର୍ଷ ଜାତୀୟ ଦକ୍ଷତା ବିକାଶ କର୍ପୋରେସନ ତଥା ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍)ର ପୂର୍ବତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଏସ୍. ରାମଦୁରାଇ, କେନ୍ଦ୍ର ଅର୍ଥମନ୍ତ୍ରାଳୟର ବରିଷ୍ଠ ଅର୍ଥନୈତିକ ପରାମର୍ଶଦାତା ସଞ୍ଜୀବ ସାନ୍ୟାଲ୍, ଫାବ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ୱିଲିୟମ୍ ବିଶେଲ୍, ସାର୍ଦୁଳ ଅମରଚାନ୍ଦ ମଙ୍ଗଳଦାସର ପରିଚାଳନା ଅଂଶିଦାର ପଲ୍ଲବୀ ସରାଫ୍, ନାସକମ୍‌ର ଅଧ୍ୟକ୍ଷ ଦେବଜାନୀ ଘୋଷ, ଟିଭିଏସ୍ କ୍ୟାପିଟାଲ୍ ଫଣ୍ଡ୍‌ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଗୋପାଳ ଶ୍ରୀନିବାସନ, ଏଚ୍‌ସିଏଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଶିବ ନାଦର ଫାଉଣ୍ଡେସନ୍‌ର କର୍ପୋରେସନ୍ ଟ୍ରଷ୍ଟି ରୋସନୀ ନାଦର ଆଦି ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଚୟନ କମିଟି ଗଠନ କରାଯାଇଥିଲା।

# ବିଏଆରସିର ନିର୍ଦ୍ଦେଶକ ଭାବେ କାର୍ଯ୍ୟଭାର ଗ୍ରହଣ କଲେ ଡ. ଏ.କେ. ମହାନ୍ତି




**ଭୁବନେଶ୍ୱର :** ବିଶିଷ୍ଟ ବୈଜ୍ଞାନିକ ଏବଂ ଭାବା ଆଣବିକ ଗବେଷଣା କେନ୍ଦ୍ର (ବିଏଆରସି)ର ପଦାର୍ଥ ବିଜ୍ଞାନ ବିଭାଗ ନିର୍ଦ୍ଦେଶକ ତଥା କୋଲକାତାର ସାହା ଇନଷ୍ଟିଚ୍ୟୁଟ ଅଫ ନ୍ୟୁକ୍ଲିୟର ଫିଜିକ୍ସର ନିର୍ଦ୍ଦେଶକ ଡ. ଏ.କେ. ମହାନ୍ତି ବିଏଆରସିର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଣବିକ ଶକ୍ତି କମିଶନର ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗର ସଚିବ କେ.ଏନ. ବ୍ୟାସଙ୍କ ଠାରୁ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ଡ. ମହାନ୍ତି ବିଏଆରସି ପ୍ରଶିକ୍ଷଣ ସ୍କୁଲର ୨୬ତମ ବ୍ୟାଚରେ ସ୍ନାତକ ଉତୀର୍ଣ୍ଣ ହୋଇଥିଲେ ଏବଂ ୧୯୮୩ରେ ଭାବା ଆଣବିକ ଗବେଷଣା କେନ୍ଦ୍ରର ନ୍ୟୁକ୍ଲିୟର ଫିଜିକ୍ସ ବିଭାଗରେ ଯୋଗ ଦେଇଥିଲେ। ବିଗତ ୩୬ ବର୍ଷ ଧରି ଡ. ମହାନ୍ତି ନ୍ୟୁକ୍ଲିୟର ଫିଜିକ୍ସର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ଡ. ମହାନ୍ତି ଇଣ୍ଡିଆନ ଫିଜିକାଲ ସୋସାଇଟିର ଯୁବ ବୈଜ୍ଞାନିକ ପୁରସ୍କାର (୧୯୮୮), ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ (୧୯୯୧) ଏବଂ ଆଣବିକ ଶକ୍ତି ବିଭାଗର ହୋମି ଭାବା ବିଜ୍ଞାନ ଏବଂ ପ୍ରଯୁକ୍ତି ପୁରସ୍କାର (୨୦୦୧) ହାସଲ କରିଛନ୍ତି। ବିଏଆରସିର ନିର୍ଦ୍ଦେଶକ କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଡ. ମହାନ୍ତି ପଦାର୍ଥ ବିଜ୍ଞାନ ସମୂହର ନିଜ ପୂର୍ବ ଅଧିକାରୀମାନଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ, ଯେଉଁମାନେ ତାଙ୍କୁ ଆଣବିକ ପଦାର୍ଥ ବିଜ୍ଞାନର ନିମ୍ନ ଏବଂ ଉଚ୍ଚ ଶକ୍ତିକୁ ଗଭୀର ଭାବେ ବୁଝିବାରେ ସହାୟତା କରିଛନ୍ତି। ସେ ମଧ୍ୟ ନିଜ ବରିଷ୍ଠ ସହଯୋଗୀମାନଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଥିଲେ ଯେଉଁମାନେ ତାଙ୍କୁ ଜାତୀୟ ଏବଂ ଅନ୍ତର୍ଜାତୀୟ ମହତ୍ୱ ଥିବା ପ୍ରକଳ୍ପ ପୂରଣ କରିବାରେ ସହାୟତା କରିଥିଲେ, ଯେଉଁଥିରେ ସେ ଯୋଗଦାନ କରିପାରିବେ। ସେ ଆହୁରି କହିଥିଲେ ଯେ ସାମାଜିକ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ରରେ ବିଏଆରସିର କାର୍ଯ୍ୟ ଜାରି ରଖିବା ପ୍ରତି ସେ ପ୍ରତିବଦ୍ଧ।

## ବିରୋଧୀଙ୍କ ଚକ୍ରାନ୍ତ ଫେଲ
# ବିଜେପିରେ ଅଛନ୍ତି ପ୍ରଦୀପ୍ତ



**ଭବାନୀପାଟଣା :** ବିଜେପି ଛାଡି ବିଜେଡିରେ ମିଶିବେ ବୋଲି ସୋସିଆଲ ମିଡିଆରେ ଯେଉଁ ଅପପ୍ରଚାର କରାଯାଉଛି ତାହାକୁ ଖଣ୍ଡନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେପିର ଟାଣୁଆ ନେତା ପ୍ରଦୀପ୍ତ କୁମାର ନାଏକ। ଶ୍ରୀ ନାଏକ କହିଛନ୍ତି କଳାହାଣ୍ଡି ଜିଲ୍ଲାରେ ବିଜେପିକୁ ଦୁର୍ବଳ କରିବା ପାଇଁ ଏହା ବିରୋଧୀଙ୍କ ଏକ ଚକ୍ରାନ୍ତ। ଏଥର ବିଜେପି କଳାହାଣ୍ଡିର ସବୁ ସିଟ୍‌ରେ ବିପୁଳ ଭୋଟ ହାସଲ କରିବ। ଉଲ୍ଲେଖଯୋଗ୍ୟ, ପ୍ରଦୀପ୍ତ କଳାହାଣ୍ଡି ଜିଲ୍ଲା ବିଜେପିର ସଭାପତି ଅଛନ୍ତି। ତେଣୁ ସେ କହିଛନ୍ତି ଯେ, ଏହି ଜିଲ୍ଲାର ବିଜେପିକୁ ସମର୍ଥନ କରୁଥିବା ଭୋଟର ଏବଂ କର୍ମୀମାନେ ଏଭଳି ମିଥ୍ୟା ପ୍ରଚାରରେ ବିଶ୍ୱାସ ନକରି ଦଳ ପାଇଁ କାର୍ଯ୍ୟ କରନ୍ତୁ। ଆମକୁ କଳାହାଣ୍ଡିର ୫ଟି ବିଧାୟକ ଆସନ ଏବଂ ସାଂସଦ ଆସନ ଅକ୍ତିଆର କରିବାର ଅଛି।









Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି